visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.24 . No.155 Bhubaneswar Tuesday, August 03, 2021 | ୨୪ତମ ବର୍ଷ ସଂଖ୍ୟା–୧୫୫ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୦୩, ୨୦୨୧ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS



ଚେନ୍ନାଇରେ ମାଡ୍ରାସ ବିଧାନସଭା ପରିଷଦର ୧୦୦ତମ ବାର୍ଷିକ ପାଳନ ଅବସରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ

## ପର୍ଯ୍ୟଟକଙ୍କ ପାଇଁ ଖୋଲିଲା କୋଣାର୍କ ସୂର୍ଯ୍ୟମନ୍ଦିର

ପୁରୀ, ୨।୮(ପି.ଏନ): ପର୍ଯ୍ୟଟକଙ୍କ ପାଇଁ ଆଜି ଠାରୁ ଖୋଲିଛି କୋଣାର୍କ ସୂର୍ଯ୍ୟମନ୍ଦିର । ପର୍ଯ୍ୟଟକ ମାନେ କରୋନା କଟକଣା ଅନୁପାଳନ କରିବା ସହ ସାମାଜିକ ଦୂରତା ରକ୍ଷା ଓ ମୁହଁରେ ମାସ୍କ ପିନ୍ଧି ସୂର୍ଯ୍ୟମନ୍ଦିର ପରିଦର୍ଶନ କରୁଛନ୍ତି । ଏଥି ନିମନ୍ତେ ଅନ୍ ଲାଇନ୍ ବୁକିଂ ସହ କାଉଂଟରରେ ମଧ୍ୟ ଟିକେଟ୍ କିଣିବା ପାଇଁ ଅନ୍ ଲାଇନ୍ ପେମେଂଟ ବ୍ୟବସ୍ଥା ହୋଇଛି । ପ୍ରତିଦିନ ୨୦୦୦ ପର୍ଯ୍ୟଟକଙ୍କ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଛି । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ପକ୍ଷରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଛି ।ତେବେ ଏଏସଆଇ ପକ୍ଷରୁ ଗାଇଡ୍ ଓ ଫଟୋଗ୍ରାଫରଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ନମିଳିବା କାରଣରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦ କରିବା ସହ କୋଣାର୍କ ସୂର୍ଯ୍ୟମନ୍ଦିର ଗେଟ୍ ରେ ତାଲା ପକାଇ ଧାରଣାରେ ବସି ରହିଛନ୍ତି ଗାଇଡ୍ ଓ ଫଟୋଗ୍ରାଫର । ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ସଂକ୍ରମଣକୁ ଏଡାଇବା ପାଇଁ ଅପ୍ରେଲ ୧୬ ତାରିଖ ଠାରୁ ପର୍ଯ୍ୟଟକଙ୍କ ପାଇଁ କୋଣାର୍କ ମନ୍ଦିର ଦର୍ଶନ ବନ୍ଦ ରହିଥିଲା ।

## ଖୁବଶୀଘ୍ର ଖୋଲିବ କଲେଜ

ଭୁବନେଶ୍ୱର, ୨।୮(ପି.ଏନ): କଲେଜ ଖୋଲିବା ନେଇ ବିଚାର ବିମର୍ଶ ଚାଲିଛି । ଖୁବଶୀଘ୍ର ରାଜ୍ୟରେ କଲେଜ ଖୋଲିବ ବୋଲି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ । ଇତିମଧ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢା ଆରମ୍ଭ ହୋଇସାରିଥିବା ବେଳେ ଡିଗ୍ରୀ କଲେଜ ଓ ବିଶ୍ୱ ବିଦ୍ୟାଳୟ ଖୋଲିପାରେ ।

# ଗୋଟିଏ ଦିନରେ ୧୦୩୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୩୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୯୭୩୭ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୫୮୬୦୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୫୦୫୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୩୨ ଜଣଙ୍କ ମଧ୍ୟରୁ ୫୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୩୭ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୬ ଜଣ, ବରଗଡ଼ରୁ ୮ ଜଣ, ଭଦ୍ରକରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨, କଟକରୁ ୧୫୪, ଦେବଗଡ ଜିଲ୍ଲାରୁ ୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୫ ଜଣ, ଗଜପତି ଜିଲ୍ଲାରୁ ୬, ଗଞ୍ଜାମରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୨ ଜଣ, ଯାଜପୁରରୁ ୪୩ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳ ଜିଲ୍ଲାରୁ ୧୦ ଜଣ. କେନ୍ଦ୍ରାପଡ଼ାରୁ ୧୮ ଜଣ, କେନ୍ଦୁଝରରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୨୩୭ ଜଣ, କୋରାପୁଟରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୦ ଜଣ, ନବରଙ୍ଗପୁରରୁ ୬ ଜଣ, ନୟାଗଡ଼ରୁ ୩୦ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୧,ପୁରୀରୁ ୮୨ ଜଣ, ରାୟଗଡ଼ାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୯ ଜଣ, ସୋନପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୨୩ ଜଣ ଓ ଷ୍ଟେଟ୍ ପୁଲରୁ ୫୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଚଳଚଂଚଳ ହେଲାଣି ଶ୍ରୀକ୍ଷେତ୍ର : ଜଗା ଦର୍ଶନରେ ବ୍ୟାକୁଳ ଭକ୍ତ

ପୁରୀ, ୨।୮(ପି.ଏନ): ଶାନ୍ତି ଶୃଙ୍ଖଳାର ସହ ବିଶ୍ୱ ବିଖ୍ୟାତ ରଥଯାତ୍ରା ଶେଷହୋଇଛି । ବିଶ୍ୱ ମହାମାରୀ କରୋନାର କରାଳ ଛାୟା ଆସ୍ତେ ଆସ୍ତେ କମିବାକୁ ବସିଲାଣି । ରଥଯାତ୍ରାରେ ଶ୍ରୀବିଗ୍ରହମାନେ ନିଳକନ୍ଦରକୁ ବାହୁଡ଼ିଥିବାବେଳେ ଏବେ ବଡ଼ଦାଣ୍ଡରେ କ୍ୟାବିନଗୁଡ଼ିକ ବାହୁଡ଼ିଲାଣି । ଯାହା ଫଳରେ ଚଳଚଂଚଳ ହୋଇ ଉଠିଲାଣି ବଡ଼ଦାଣ୍ଡ । ସମୁଦ୍ରକୂଳ ଓ ପାର୍କ ଖୋଲିଲାଣି । ସୀମିତ ସଂଖ୍ୟକ ପର୍ଯ୍ୟଟକ ହୋଟେଲରେ ଆସି ରହିଲେଣି । ପ୍ରଥମ ଦିନ ସମୁଦ୍ରକୂଳ ଖୋଲିବା ପରେ ପର୍ଯ୍ୟଟକମାନେ ମହାଆନନ୍ଦରେ ମହୋଦଧିରେ ସ୍ନାନ କରିଛନ୍ତି । ବଡ଼ଦାଣ୍ଡରେ ଠେଲାଗାଡ଼ି, ଟି ଷ୍ଟଲ, ଖଟ ଦୋକାନ ଆଦି ଦୋକାନ ଗୁଡ଼ିକ ଖୋଲିଲାଣି । ବଡ଼ଦାଣ୍ଡ ପୁଣି ତାର ପୁରୁଣା ରଙ୍ଗୀନ ଅବସ୍ଥାକୁ ଫେରିଲାଣି । ମାର୍କେଟ ଓ ମଲ ଖୋଲିବାରୁ ଗହଳି ଚହଳି ଲାଗିଲାଣି । ସମସ୍ତଙ୍କର ଅପେକ୍ଷା କେବେ ଖୋଲିବ ଶ୍ରୀମନ୍ଦିର ଜଗା ଦର୍ଶନ ପାଇଁ ବ୍ୟାକୁଳ ହେଲଣି ଭକ୍ତ । ଜଗାକୁ ଟିକେ ଦର୍ଶନକରି ମାନ ଅଭିମାନ, ରାଗରୁଷା, ଅଭାବ ଅସୁବିଧା ଜଣାଇଦେଲେ ଭକ୍ତ ମାନସିକ ସ୍ତରରେ ଆନନ୍ଦିତ ହେବ । କାଳିଆ ସୁନାକୁ ବହୁଦିନ ନଦେଖି କିଛି ଭଲ ଲାଗୁନାହିଁ ବୋଲି ଭକ୍ତମାନେ କହୁଛନ୍ତି । ମନ୍ଦିର ଖୋଲିଲେ ପର୍ଯ୍ୟଟକ ଆସିବେ । ଅଟୋରିକ୍ସା ଚାଲିବ, ଟ୍ରେନ ବସ ଚଳଚଞ୍ଚଳ ହେବ । ମନ୍ଦିର ଚାରିପଟ ପସରା ଦୋକାନ ଖୋଲିବ ସମସ୍ତେ ଚାହିଁଛନ୍ତି ୪ ତାରିଖରେ ଶ୍ରୀମନ୍ଦିର ବୈଠକରେ କଣ ନିଷ୍ପତି ହେବ କେଉଁ ଗାଇଡ଼ ଲାଇନ ଅନୁସାରେ ଭକ୍ତ ଶ୍ରୀମନ୍ଦିରରେ ପ୍ରବେଶ କରିବେ । ପୁଣି ପୁରୀ ସହର ଚଳଚଂଚଳ ହୋଇଉଠିବ ।

## ଆଗାମୀ ୪ରୁ ଖୋଲିବ ମା ବିରଜା ମନ୍ଦିର

ଯାଜପୁର, ୨।୮(ପି.ଏନ): ଆଗାମୀ ୪ ତାରିଖ ବୁଧବାର ଠାରୁ ଖୋଲିବ ଯାଜପୁରର ପ୍ରସିଦ୍ଧ ଦେବୀ ପୀଠ ମା ବିରଜା ମନ୍ଦିର । କୋଭିଡ୍ ଗାଇଡ୍ ଲାଇନକୁ ଅନୁପାଳନ କରି ମାଙ୍କ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । ଯାଜପୁର ଜିଲ୍ଲାପାଳ ଚକ୍ରବର୍ତୀ ସିଂହ ରାଠୋର ଏହି ସୂଚନା ଦେଇଛନ୍ତି । ମୁହଁରେ ମାସ୍କ ପରିଧାନ କରିବା ସହ ସାମାଜିକ ଦୂରତା ରକ୍ଷା କରି ଭକ୍ତ ମାନେ ମା ବିରଜାଙ୍କ ଦର୍ଶନ କରିପାରିବେ ।

## ଅଗଷ୍ଟ ୧୧ରୁ ମାଟ୍ରିକ ପରୀକ୍ଷା ଖାତା ଦେଖା

ଭୁବନେଶ୍ୱର, ୨।୮(ପି.ଏନ): ଆସନ୍ତା ଅଗଷ୍ଟ ୧୧ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା ଖାତା ଦେଖା । ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଅଗଷ୍ଟ ୧୧ରୁ ଖାତା ଦେଖା ଆରମ୍ଭ ହୋଇ ତିନିଦିନରେ ଶେଷ ହେବ । ୭ଟି ଜିଲ୍ଲାରେ ୯ଟି କେନ୍ଦ୍ରରେ ପ୍ରାୟ ୧୫ ଶହ ପରୀକ୍ଷାର୍ଥୀଙ୍କ ଖାତା ଦେଖାଯିବ । ସୂଚନାଯୋଗ୍ୟ ଯେ କରୋନା ମହାମାରୀ ପାଇଁ ଏଥର ବାର୍ଷିକ ମାଟ୍ରିକ ପରୀକ୍ଷା ହୋଇ ନଥିଲା ।

## ପରିବାରର ୩ ଜଣଙ୍କୁ ହତ୍ୟା ଘଟଣା ୨ ଜଣଙ୍କ ଶବ ଉଦ୍ଧାର : ୬ ଅଭିଯୁକ୍ତ ଗିରଫ

ଅନୁଗୋଳ, ୨।୮(ପି.ଏନ): ଅନୁଗୋଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ କୁଞ୍ଜାମ ଗାଁରେ ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା ଘଟଣା । ହତ୍ୟା ପରେ ଶବକୁ ନଦୀରେ ଫିଙ୍ଗି ଦେଇଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ଗିରଫ ୬ ଅଭିଯୁକ୍ତ । ନିଖୋଜ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଶବ ସମାକୋଇ ନଦୀ ଗର୍ଭରୁ ଉଦ୍ଧାର କରିଛି ପୋଲିସ । ଶବ ଜବତ କରିବା ସହ ଏନେଇ ଅଧିକ ତଦନ୍ତ ଜାରୀ ରଖିଛି । ଗୁଣି ଗାରେଡ଼ି ସନ୍ଦେହରେ ଏମାନଙ୍କୁ ହତ୍ୟା କରାଯାଇଥିବା ନେଇ ସୂଚନା ଦେଇଛି ପୋଲିସ । ଗତ ୩୦ ତାରିଖରୁ ଏମାନେ ନିଖୋଜ ଥିଲେ । ନିଖୋଜ ଦମ୍ପତିଙ୍କ ମଧ୍ୟରୁ ଗତକାଲି ସ୍ୱାମିଙ୍କ ମୃତଦେହ ଉଦ୍ଧାର ହୋଇଥିଲା ।

# ମନରେଗା ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଲା ବିଜେପି

ଭୁବନେଶ୍ୱର,୨।୮(ପି.ଏନ):ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାରେ ସରକାରୀ ଅଫିସର ଓ ବିଧାୟକଙ୍କ ପୋସ୍ତାହନରେ ଶାସକ ଦଳର ମାଫିଆମାନେ ଗରିବଙ୍କ ଅର୍ଥକୁ ହରିଲୁଟ୍ କରୁଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଗତ ୭ ବର୍ଷରେ ମୋଦି ସରକାର ମହାତ୍ମାଗାନ୍ଧୀ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନାରେ ଓଡ଼ିଶା ପ୍ରଦେଶକୁ ୧୬ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି । ମହାମାରୀ ପରିସ୍ଥିତିରେ ସମଗ୍ର ଦେଶରେ ୧ ଲକ୍ଷ କୋଟି ଟଙ୍କାର ଏନଆରଜିଏର କାମ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରି ୨୦୨୦-୨୧ର ଆର୍ଥିକ ବର୍ଷରେ ୪୪୩୬ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । କିନ୍ତୁ ୪୦ପ୍ରତିଶତରୁ ଅଧିକ କାମ ମିଥ୍ୟା ବିଲ୍ ଆକାରରେ ବିଭିନ୍ନ ବ୍ଲକରେ ବିଲ୍ କରାଯାଇଛି । ଆଜି ଯଦି ବାସ୍ତବିକ ଭାବରେ ତଦନ୍ତ କରାଯାଏ ୩୧୪ ବ୍ଲକର ୩୧୪ଜଣ ବିଡିଓ ଓ ୬୦୦୦ ଜିଆରଏସ୍ ଏବଂ ୩୦୦୦ ରୁ ୪୦୦୦ ଜେଇ ସସ୍ପେଣ୍ଡ ହେବେ । ଏହି ଯୋଜନାର ହିତାଧିକାରୀ ଗରିବ ଲୋକ ନା ବିଜେଡି ନେତା ରାଜ୍ୟ ସରକାର ତାହାର ଉତର ଦିଅନ୍ତୁ । ୧୫ ଦିନ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅର୍ଥକୁ ଆତ୍ମସାତ୍ କରିଥିବା ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ୩୧୪ବ୍ଲକ ଓ ୬ ହଜାର ପଂଚାୟତରେ ମନରେଗା ଯୋଜନା ଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ । ୩୧୪ ବ୍ଲକରୁ ୩୧୪ଟି ଦୁର୍ନୀତି ଓ ଭ୍ରଷ୍ଟାଚାରର ପ୍ରମାଣ ସଂଗ୍ରହ କରି ରାଜ୍ୟପାଳଙ୍କୁ ଓ କେନ୍ଦ୍ର ପଂଚାୟତରାଜ ମନ୍ତ୍ରୀଙ୍କୁ ଭେଟିବ ବିଜେପି । ଏହା ସହ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ କୋର୍ଟଙ୍କ ଆଶ୍ରୟ ନିଆଯିବ ବୋଲି ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଘୁମୁସର ସାଙ୍ଗଠନିକ ଜିଲ୍ଲାର ସଭାପତି ମିଟୁ ମଲ୍ଲିକ, କଟକ ଜିଲ୍ଲା ବାଙ୍କୀ ନିର୍ବାଚନ ମଣ୍ଡଳୀର ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ, କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ ।

# ଦର୍ଶକଙ୍କ ନିମନ୍ତେ ଖୋଲିଲା ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ:କଳାଭୂମି

ଭୁବନେଶ୍ୱର, ୨।୮(ପି.ଏନ): ଆଜି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମି ଦର୍ଶକଙ୍କ ନିମନ୍ତେ ଖୋଲାଯାଇଛି । ସରକାରଙ୍କ ଅନୁମୋଦିତ କୋଭିଡ୍ ନିର୍ଦ୍ଦେଶାବଳୀ ପାଳନପୂର୍ବକ ଏହି ସଂଗ୍ରହାଳୟ ଖୋଲା ରହିବ । ସଂଗ୍ରହାଳୟ ଖୋଲିବ । ପରେ ଦର୍ଶକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ସଂଗ୍ରହାଳୟ କର୍ମଚାରୀ ଏବଂ କର୍ତୃପକ୍ଷ ପ୍ରସ୍ତୁତ ରହିଛନ୍ତି । କ୍ୟାମ୍ପସ୍‌ରେ ଥର୍ମାଲ ସ୍କାନିଂ, ପର୍ଯ୍ୟାପ୍ତ ହ୍ୟାଣ୍ଡ ସାନିଟାଇଜର ଉପଲବ୍ଧ କରାଯାଇଛି । ସାମାଜିକ ଦୂରତ୍ୱକୁ ସୁନିଶ୍ଚିତ କରିବା ପାଇଁ ସଂଗ୍ରହାଳୟ ପରିସରକୁ ୬ ଫୁଟ ବ୍ୟବଧାନରେଚିହ୍ନିତ କରାଯାଇଛି । ଅଧିକନ୍ତୁ, ସଂଗ୍ରହାଳୟ ସମସ୍ତ କର୍ମଚାରୀ ଓ କର୍ତୃପକ୍ଷଙ୍କ ସହିତ ସଂକ୍ଷିପ୍ତ ଅଧିବେଶନ କରାଯାଇ ଭ୍ରମଣକାରୀଙ୍କୁ କିପରି ସୁରକ୍ଷିତ ଭାବେ ବୁଲିଦେଖିବା ସୁନିଶ୍ଚିତ କରାଯାଇ ପାରିବ ସେ ସମ୍ପର୍କରେ ଅବଗତ କରାଯାଇଛି ।ସଂଗ୍ରହାଳୟଟି ୨୦୧୮ ମସିହାରେ ଉଦ୍‌ଘାଟନ କରାଯାଇଥିଲା । ଏଠାରେ ୮ଟି କକ୍ଷ, ମୁକ୍ତାକାଶ ରଙ୍ଗମଂଚ, ପିଲାମାନଙ୍କ ମନୋରଞ୍ଜନ ନିମନ୍ତେ ଖୋଳପଡ଼ିଆ, କର୍ମଶାଳା, ସ୍ମରଣିକା ବିକ୍ରୟ କେନ୍ଦ୍ର, କ୍ୟାଂଟିନ୍ ଓ କାଫେର ବ୍ୟବସ୍ଥା କରାଯାଇଛି । ସଂଗ୍ରହାଳୟଟିର ବିସ୍ତୃତତା ଏବଂ ଚିତାକର୍ଷକ କଳାକୃତି ତଥା ଏହାର ସ୍ଥାନୀୟ ସ୍ଥାପତ୍ୟ ପାଇଁ ଏହା ବେଶ୍ ଜଣାଶୁଣା ଆଉ ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ହୋଇପାରିଛି । ପୂର୍ବପରି ସ୍ମରଣିକା ବିକ୍ରୟକେନ୍ଦ୍ର ପର୍ଯ୍ୟଟକଙ୍କ ନିମନ୍ତେ ଖୋଲାଅଛି । ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ-କଳାଭୂମିର ଟିମ୍ ଦର୍ଶକଙ୍କୁ ସଂଗ୍ରହାଳୟ ପରିସରକୁ ପୁନର୍ବାର ଫେରାଇ ଆଣିବାକୁ ସର୍ବଦା ପ୍ରୟାସ କରୁଛି । ସଂଗ୍ରହାଳୟ ସମ୍ବନ୍ଧିତ ସବିଶେଷ ସୂଚନା ଏହାର ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

# ରାଜଧାନୀରେ ୨୪ ଘଂଟାରେ ୨୦୩ ପଜିଟିଭ୍

ଭୁବନେଶ୍ୱର, ୨।୮(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୨୦୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେଥିରୁ ୬୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୩୯ ଲୋକାଲ୍ କେସ୍ ରହିଛନ୍ତି । ଅପରପକ୍ଷରେ ୨୪ ଘଂଟାରେ ୧୩୪ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୧୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୭ ଜଣ , ନୟାପଲ୍ଲୀ ,ଓଲ୍ଡଟାଉନ୍ , ଟଙ୍କପାଣି ରୋଡ୍ ଓ ଚନ୍ଦ୍ରଶେଖରପୁରରୁ ୬ ଜଣ ଲେଖାଏଁ ,ବଡଗଡ, ପଳାଶୁଣୀ, ୟୁନିଟ୍ ୯ , ପୋଖରୀପୁଟ ,ଝାରପଡା ଓ ଲକ୍ଷ୍ମୀସାଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି । ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦୩୮୪ କୁ ବୃଦ୍ଧି ପାଇଛି । ସେହିପରି ସୁସ୍ଥଙ୍କ ସଂଖ୍ୟା ୯୬୯୯୦ କୁ ବୃଦ୍ଧି ପାଇଛି । ଭୁବନେଶ୍ୱରରେ ଏବେ ୨୫୫୭ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୮୧୬ କୁ ବୃଦ୍ଧି ପାଇଛି ।

# ନାବାଳିକାଙ୍କୁ ଥାନାଧିକାରୀଙ୍କ ମାଡ, ଏସପିଙ୍କ ନିକଟରେ ଅଭିଯୋଗ

କୋରେଇ, ୨।୮(ପି.ଏନ): ଥାନାଧିକାରୀ ନାବାଳିକାକୁ ମାଡ ମାରିବା ଭଳି ଅଭିଯୋଗ ଏସପିଙ୍କ ନିକଟରେ ହୋଇଛି । ଅଭିଯୋଗ ମୁତାବକ, ଯାଜପୁର ଜିଲ୍ଲା ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କ୍ଷେମେଶ୍ୱର ଗ୍ରାମର ଦିଲ୍ଲିପ କୁମାର ନାୟକ ଓ ପ୍ରଫୁଲ୍ଲ ନାୟକଙ୍କ ପରିବାର ମଧ୍ୟରେ ମାମଲା ଦୀର୍ଘ ବର୍ଷ ହେବ ଜାରି ରହିଛି । ଦିଲ୍ଲିପ ଘରେ ନଥିବା ଅବସ୍ଥାରେ ଗତ ଜୁଲାଇ ୧୬ ତାରିଖ ପ୍ରଫୁଲ୍ଲଙ୍କ ପତ୍ନୀ ନିର୍ମଳା ଓ ତାଙ୍କ ପୁଅ ପ୍ରତ୍ୟୁଷ ଓ ନାତୁଣୀ ପ୍ରିୟଙ୍କା ଆସି ଗାଳିଗୁଲଜ ଆରମ୍ଭ କରିଥିଲେ । ପାଟିଶୁଣି ସେଠାରେ ଦିଲିପଙ୍କ ସ୍ତ୍ରୀ ଓ ବଡ ଝିଅ ମମତା ସେଠାରେ ପହଂଚିବାରୁ ତାଙ୍କୁ ଗାଳି କରିବା ସହ ଟଣାଘୋଷଣା କଲେ । ଏନେଇ ମମତା ଥାନାରେ ଅଭିଯୋଗ କରିବାରୁ ପୁଲିସ ମାମଲା ରୁଜୁ କରିବା ପରିବେର୍ତ ଚୁପ୍ ହୋଇ ବସିଲା । ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କ ମିଥ୍ୟା ଅଭିଯୋଗ କ୍ରମେ ୧୮ ତାରିଖ ଦିଲିପଙ୍କୁ ଥାନାକୁ ଡକାଇନେଲେ । ୧୯ ତାରିଖ ଦିଲ୍ଲିପର ସ୍ତ୍ରୀ ଓ ଝିଅକୁ ପୁଲିସ ଉଠାଇ ନେଇ ବାପ,ମା, ଝିଅ ତିନି ଜଣଙ୍କୁ କୋର୍ଟଚାଲାଣ କଲେ । ଗୋଟିଏ ଘଟଣାରେ ପ୍ରଥମ ଅଭିଯୋଗରେ ମାମଲା ରୁଜୁ ନକରି ଉଦ୍ଦେଶ୍ୟମୂଳକ ଭାବେ ପକ୍ଷପାତିତା କରି ପରିବାରର ତିନି ଜଣଙ୍କୁ ମିଥ୍ୟା ମାମଲାରେ କୋର୍ଟ ଚାଲାଣ କରିବା ନେଇ ପ୍ରଶ୍ନ ଉଠାଇଛନ୍ତି ଦିଲିପଙ୍କ ପରିବାର । କୋର୍ଟ ଚାଲାଣ ପରେ ପୁଲିସର ମନ ମାନିନଥିଲା । ସେହିଦିନ ବରୀ ଥାନାଧିକାରୀ ସଦଳବଳେ ଦିଲ୍ଲିପ ଘରେ ପହଂଚିଥିଲେ । ସେଠାରେ ପହଂଚିବା ପରେ ଦିଲିପର ସାନଝିଅ ପୂଜାରାଣୀଙ୍କୁ ଖୋଦ ଥାନାଧିକାରୀ ସମେତ ମହିଳା କର୍ମଚାରୀ ମାଡ ମାରଥିଲେ । ଏମିତିକି ତାଙ୍କର ୧୩ ଓ ୧୦ ବର୍ଷର ପୁଅ ମଧ୍ୟ ପ୍ରତିବାଦ କରି ପୁଲିସ ଅକ୍ରୋଶର ଶିକାର ହୋଇଥିଲେ । ମାଡ ମାରିବା ସହ ପ୍ରଫୁଲ୍ଲର ସ୍ତ୍ରୀକୁ ଡାକି ଗଡରେଜ ଭାଙ୍ଗି ନଗଦ ୩୦ ହଜାର ଟଙ୍କା, ୩୦ ଗ୍ରାମ ସୁନା, ରୂପା, ମୋବାଇଲ ଫୋନ, ୨ଟି ବାଇକ୍ ଓ ଅନ୍ୟାନ୍ୟ ସମାଗ୍ରୀ ଆଦି ନେଇଯାଇଥିଲେ । ଥାନାଧିକାରୀଙ୍କ ଉପସ୍ଥିତିରେ ପ୍ରତ୍ୟୁଷ ନାୟକ, ସୁଷମା ନାୟକ, କାଳିଆ ପଢିଆରୀ, ଦେବରାଜ ନାୟକ, ଶ୍ରୀକାନ୍ତ ସାମଲ, ଭରତ ସାମଲ, ଉଦୟ ସାମଲ, ଅଜୟ ସାମଲ, ଲକ୍ଷ୍ମୀଧର ସାମଲ, ସୁଧାଂଶୁ ସାମଲ, ଟିଟନ ନାୟକ, ସୁବାଷ ନାୟକ, ସୁଦର୍ଶନ ପଢୀଆରୀ, ଲକ୍ଷ୍ମୀ ପତି, ରେବତୀ ପତି ମିଳିତ ଭାବେ ବାଡିରେ ପଶି ସଜନା ଗଛ, ପିଜୁଳି ଗଛ, ଚାକୁଣ୍ଡା ଗଛ, ବଉଳ ଗଛ, ଅମୃତଭଣ୍ଡା ଗଛ ଓ ବିଭିନ୍ନ ଫୁଲ ଗଛକୁ ହାଣିବା ସହ ଘେରା ଜାଲକୁ ଛିଡାଇ ୨୦ଟି ଦେଶୀ କୁକୁଡା ନେଇଗଲେ । ପୁଲିସର ଏଭଳି ଗୁଣ୍ଡା ରାଜ ଓ ନାବାଳିକାକୁ ମାଡ ମାରିବା ନେଇ ଏସପିଙ୍କୁ ଅଭିଯୋଗ କରିଛନ୍ତି ନାବାଳିକା ଓ ପରିବାର ଲୋକେ ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada







# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୁତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୁତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୁତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱାସ୍ଥ୍ୟସେବାର ନବକଳେବର



କରୋନା ମହାମାରୀ ସମଗ୍ର ବିଶ୍ୱବାସୀଙ୍କୁ ଏକ ପ୍ରକାର ଯେଉଁପରି ଦୁଃଖ ପଙ୍ଗୁ କରିଥିଲା ପରବର୍ତ୍ତୀ ସମୟରେ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ବ୍ୟାପକ ଉଦ୍ୟମ କରି କରୋନା ବିରୁଦ୍ଧରେ ଏକ ପ୍ରକାର ବିଜୟ ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କରୋନା ପାଇଁ ବ୍ୟାପକ ଟୀକାକରଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି। ଏ କ୍ଷେତ୍ରରେ କରୋନା ବିରୁଦ୍ଧରେ ସଂଗ୍ରାମ କରୁଥିବା ଆଗୁଆ ଯୋଦ୍ଧା ମାନଙ୍କୁ ପ୍ରାଥମିକ ଭାବେ ଜରୁରୀକାଳୀନ ବ୍ୟବସ୍ଥା ଅନୁଯାୟୀ ଟିକା ପ୍ରଦାନ କରାଯାଉଛି। ଏସବୁ ସତ୍ତ୍ୱେ ଓଡ଼ିଶାର ସ୍ୱାସ୍ଥ୍ୟସେବାର ଏକ ନବକଳେବର ହେବାକୁ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ସର୍ବବୃହତ୍ତ ଚିକିତ୍ସା ପ୍ରତିଷ୍ଠାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜକୁ ସରକାର ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ ନିମିତ୍ତ ଅନେକ ଯୋଜନା ହାତକୁ ନେଇଛନ୍ତି। ଜାନୁଆରୀ ୧, ୨୦୨୪ରେ ପରିବର୍ତ୍ତିତ ଓ ପରିବର୍ତ୍ତିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକର ଲୋକାର୍ପଣ ହେବ। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ମାଇଲ ଷ୍ଟୋନ ପ୍ରତିଷ୍ଠା ହେବ। ତେବେ କେବଳ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲର ନବକଳେବର ନୁହେଁ, ପୁରା ରାଜ୍ୟର ସ୍ୱାସ୍ଥ୍ୟସେବା ନବକଳେବରର ଧାରାରେ ସାମିଲ ହୋଇସାରିଛି। କରୋନା ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରି ରଖିଥିବା ବେଳେ ଓଡ଼ିଶା ଆଜି ଅନ୍ୟମାନଙ୍କ ପାଇଁ ରୋଲ ମଡ଼େଲ ହୋଇପାରିଛି। ଓଡ଼ିଶା ସରକାରଙ୍କ ସଫଳ କୋଭିଡ଼ ପରିଚାଳନାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁଏଚ୍ଓ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ୨୦୧୨ ପରଠାରୁ ମେଡ଼ିକାଲ ଶିକ୍ଷା ଓ ଚିକିତ୍ସାରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଯାଇଛି। ବାଲେଶ୍ୱର, ବାରିପଦା, ବଲାଙ୍ଗିର, କୋରାପୁଟରେ ନିର୍ମିତ ମେଡ଼ିକାଲ କଲେଜରେ ନାମ ଲେଖା ଆରମ୍ଭ ହୋଇଥିବାବେଳେ ପୁରୀରେ ଚଳିତ ବର୍ଷ ନାମଲେଖା ହେବ। ଏହା ବ୍ୟତୀତ କେନ୍ଦୁଝର ଓ କଳାହାଣ୍ଡିରେ ରାଜ୍ୟ ସରକାର ନିଜ ପାଣ୍ଠିରୁ ଗୋଟିଏ ଲେଖାଏଁ ମେଡ଼ିକାଲ କଲେଜ ନିର୍ମାଣ କରୁଛନ୍ତି। ସୁନ୍ଦରଗଡ଼ ଓ ତାଳଚେରରେ ମଧ୍ୟ ମେଡ଼ିକାଲ କଲେଜ ପାଇଁ କାମ ଚାଲିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ହେଉଛି କିଡ଼ନୀ ପ୍ରତିରୋପଣ ଓ କର୍କଟ ରୋଗର ଚିକିତ୍ସା ବ୍ୟବସ୍ଥା। କିଡ଼ନୀ କିମ୍ବା କର୍କଟ ରୋଗର ବ୍ୟୟବହୁଳ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ଓଡ଼ିଶାରେ ଉପଲବ୍ଧ ହୋଇପାରିଛି। ଜନସାଧାରଣଙ୍କ ପାଇଁ ନିଃଶୁଳ୍କ କିଡ଼ନୀ ପ୍ରତିରୋପଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଗତ ୫ବର୍ଷ ଭିତରେ ରାଜ୍ୟରେ ଡାକ୍ତରଙ୍କ ସଂଖ୍ୟା ୫ହଜାରରୁ ୧୦ ହଜାରକୁ ବୃଦ୍ଧି ପାଇଛି। ଗତବର୍ଷ ମାର୍ଚ୍ଚ ମାସରେ ଏକ ସଙ୍ଗରେ ୧୦୩୮ ନୂତନ ଡାକ୍ତରଙ୍କୁ ନିଯୁକ୍ତି ମିଳିଥିଲା। ଚଳିତ ବର୍ଷ ଓପିଏସସି ୨୪୫୨ ଡାକ୍ତରଙ୍କ ସମେତ ୮୨ଜଣ ଦନ୍ତ ଚିକିତ୍ସକ, ୯୪ଜଣ ସହକାରୀ ପ୍ରଫେସର, ୧୫୬ ଜଣ ଆର୍ଯ୍ୟୁର୍ବେଦିକ ମେଡ଼ିକାଲ ଅଫିସର, ୪୦ ଆର୍ଯ୍ୟୁର୍ବେଦିକ ଲେକ୍ଚର, ୧୮୪ ହୋମିଓପାଥିକ ମେଡ଼ିକାଲ ଅଫିସର ଓ ୫୦ଜଣ ହୋମିଓପାଥିକ ଲେକ୍ଚରଙ୍କ ନିଯୁକ୍ତ କରିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ୬୪୩୨ ନର୍ସ ଅଫିସର, ୬୦୦ ଫାର୍ମାସିଷ୍ଟ, ୨୦୦ ରେଡ଼ିଓଗ୍ରାଫର, ୮୭୮ ଆୟୁଷ ସହାୟକ ନିଯୁକ୍ତ ହେବେ। ନକ୍ସଲ ପ୍ରଭାବିତ, ଆଦିବାସୀ କିମ୍ବା ପଛୁଆ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ଭି-୪ ବର୍ଗରେ ରଖାଯାଇଛି। ଅର୍ଥାତ୍ ଏହି ବର୍ଗର ଡାକ୍ତରଖାନାକୁ ଅଧିକ ଗୁରୁତ୍ୱ ଦିଆଯିବ। ଭି-୦ ବର୍ଗରେ ଥିବା ଡାକ୍ତରଙ୍କ ତୁଳନାରେ ଭି-୪ ବର୍ଗ ଡାକ୍ତରଖାନାରେ କାମ କରୁଥିବା ଡାକ୍ତରଙ୍କୁ ଦୁଇଗୁଣା ଦରମା ମିଳୁଛି। ଭି-୩ ବର୍ଗର ଡାକ୍ତରଙ୍କୁ ୭୫ ପ୍ରତିଶତ, ଭି-୨ ବର୍ଗର ଡାକ୍ତରଙ୍କୁ ୫୦ ପ୍ରତିଶତ ଅଧିକ ଦରମା ଦିଆଯାଉଛି। ସେହିପରି କେବିକେ ଓ ଆଦିବାସୀ ଅଞ୍ଚଳରେ ଡାକ୍ତର ତିନିବର୍ଷ କାମ କରିବା ପରେ ସ୍ୱତଃସ୍ଫୂର୍ତ୍ତ ଭାବେ ଅନ୍ୟତ୍ର ବଦଳି ନିୟମ ୨୦୧୫ରୁ ପ୍ରଚଳନ କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ଅଧୀନରେ ଦରିଦ୍ର ଲୋକଙ୍କୁ ମାଗଣା ହୃଦରୋଗ ଚିକିତ୍ସା ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ରାଜ୍ୟବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ସହ ସାଧାରଣ ଲୋକଙ୍କୁ ମାଗଣାରେ ସର୍ବୋଚ୍ଚ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ। ନିଦାନ ମାଧ୍ୟମରେ ଡାଇଗ୍ନୋଷ୍ଟିକ୍ ବ୍ୟବସ୍ଥା କରାଯାଇଛି। ଆବଶ୍ୟକସ୍ଥଳେ ଘରୋଇ ଡାକ୍ତରଖାନାରେ ଲୋକଙ୍କ ମାଗଣା ଚିକିତ୍ସା କରାଯାଉଛି। ମେଡ଼ିକାଲ କଲେଜ ଓ ଡାକ୍ତରଙ୍କ ଅଭାବ ଦୂର ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ତେଣୁ ଆସନ୍ତା ଦୁଇବର୍ଷ ଭିତରେ ଓଡ଼ିଶାରେ ଡାକ୍ତର ଓ ଡାକ୍ତରଖାନାର ଅଭାବ ଦୂର ହେବ ନିଶ୍ଚୟ। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗ୍ରାମାଞ୍ଚଳ ଠାରୁ ଉପାନ୍ତ, ଜନଜାତି ବହୁଳ ଅଞ୍ଚଳ ସବୁଠି ସ୍ୱାସ୍ଥ୍ୟସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିପାରିଛି। ଆବଶ୍ୟକୀୟ ଭିତ୍ତିଭୂମି ସୁଦୃଢ଼ ସହ ସମସ୍ତ ଚିକିତ୍ସା ସେବା ଲୋକମାନଙ୍କ ପାଖରେ ପହଞ୍ଚାଇବାର ରାଜ୍ୟ ସରକାରଙ୍କ ଯୋଜନା ଆଜି ଓଡ଼ିଶାକୁ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟ ପାଇଁ ଆଦର୍ଶର କେନ୍ଦ୍ରବିନ୍ଦୁ ପାଲଟିଛି। ଏ କ୍ଷେତ୍ରରେ ରାଜ୍ୟବାସୀଙ୍କ ସହଯୋଗ ମଧ୍ୟ ଦରକାର।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସରକାରୀ ସ୍କୁଲରେ ସଂରକ୍ଷଣ ଅଫର ସଫଳ ହେବ କି ?

ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାରେ ନାମ ଲେଖାଇବା ପାଇଁ ସରକାରୀ ହାଇସ୍କୁଲ ପିଲାଙ୍କୁ ୧୫ପ୍ରତିଶତ ସ୍ଥାନ ସଂରକ୍ଷଣ ମିଳିବ। ନିକଟରେ ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ଏକ ସଂକଳ୍ପ ବିଧାନସଭାରେ ଆଗତ କରିଥିଲେ। ସର୍ବସମ୍ମତିକ୍ରମେ ସଂକଳ୍ପ ପାରିତ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ସରକାରୀ ସ୍କୁଲ ପିଲାଙ୍କୁ ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଦେବାକୁ ପୂର୍ବରୁ ସରକାର ଘୋଷଣା କରିଥିଲେ। ସରକାରୀ ସ୍କୁଲର ମେଧାବୀ ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂରେ ନାମ ଲେଖାପାଇଁ ସ୍ଥାନ ସଂରକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକରେ ତା୨୮.୧୨.୨୦୨୦ରିଖରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନିଆଯାଇଥିଲା। ଏଥିପାଇଁ ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଅର୍ଥ ଓ କୋଚିଙ୍ଗ୍ ଅଭାବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିଭଳି ବୈଷମ୍ୟ ସୃଷ୍ଟି ହୋଇଛି କମିଟି ତାହା ଦର୍ଶାଇବା ସହିତ ଏହି ବୈଷମ୍ୟ ଦୂର କରିବା ପାଇଁ ସରକାରୀ ସ୍କୁଲ ପିଲାଙ୍କ ପାଇଁ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ସୁପାରିଶ କରିଥିଲେ। ବିଧାନସଭାରେ ଏହି ସମ୍ପର୍କିତ ସଂରକ୍ଷଣ ସଂକଳ୍ପ ଆଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ‘ନିଟ୍’ ଓ ‘ଜେଇଇ’ପରି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ କୋଚିଙ୍ଗ୍ ଅଭାବରୁ ପଛୁଆ ରହୁଥିବା ଗରିବ ପିଲାମାନଙ୍କୁ ସରକାରଙ୍କ ଏହି ସଂରକ୍ଷଣ ବ୍ୟବସ୍ଥା ମେଡିକାଲ ଓ ଇଞ୍ଜିନିୟରିଂ ନାମଲେଖାରେ ବେଶ୍ ସହାୟକ ହେବ। ଏହାଦ୍ୱାରା ଛାତ୍ର ଜୀବନର ସ୍ୱପ୍ନ ସାକାର ହେବ। ଆସନ୍ତା ଶିକ୍ଷାବର୍ଷରୁ ଏହା ରାଜ୍ୟରେ ଲାଗୁ କରାଯିବ ବୋଲି ସୂଚନା ମିଳିଛି।

ଶିକ୍ଷା ବ୍ୟବସ୍ଥାରେ ସମାନତା ଆଣିବା ପାଇଁ ଅତୀତରେ ବହୁ ମହାନ ବ୍ୟକ୍ତି ଉଦ୍ୟମ କରିଥିଲେ। ମହାନ ସଂସ୍କାରକ ଜ୍ୟୋତିରାଓ ଫୁଲେ ହଣ୍ଟର କମିଶନକୁ ରିପୋର୍ଟରେ କହିଥିଲେ ଯେ, ଶିକ୍ଷା ପ୍ରଦାନ କ୍ଷେତ୍ରରେ କେବଳ ଉଚ୍ଚବର୍ଗକୁ ସାହାଯ୍ୟ କରୁଛନ୍ତି, ଯଦିଓ ସରକାର ଅଧିକ ଆୟ ନିମ୍ନବର୍ଗଙ୍କ ପରିଶ୍ରମରୁ ପାଉଛନ୍ତି। ୧୯୧୧ ମସିହାରେ ଗୋଖେଲ ମଧ୍ୟ ଇମ୍ପେରିୟାଲ ଆସେମ୍ବ୍ଲିରେ ମାଗଣା ଓ ବାଧ୍ୟତାମୂଳକ ସ୍କୁଲ ଶିକ୍ଷା ବିଲ୍ ଉପସ୍ଥାପନା କରିଥିଲେ ତେବେ ଏହି ବିଲ୍‌କୁ ବିରୋଧ କରାଯାଇଥିଲା। ପରେ ଗାନ୍ଧିଜୀ ଓ ଆମ୍ବେଦକର ସମାନ ଆଉ ଅନିର୍ବାଯ୍ୟ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ୧୯୬୬ ମସିହାରେ କୋଠାରୀ କମିଶନଙ୍କ ନେବର ସ୍କୁଲ ପ୍ରସଙ୍ଗକୁ ଏଠାରେ ଉଲ୍ଲେଖ କରାଯାଇପାରେ। ସେ ସୁପାରିଶ କରିଥିଲେ ଯେ, ନିଜ ଇଲାକାରେ ଏକ ସ୍କୁଲ ହେବ ଯେଉଁ ସ୍କୁଲରେ ସେହି ଇଲାକାର ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ପିଲାଙ୍କୁ ପାଠ ପଢାଇବାକୁ ପଠାଇ ପାରିବେ। ଏହି ସ୍କୁଲରେ ଧନୀ-ଗରିବ, ଜାତି-ଧର୍ମ, ଉଚ୍ଚ-ନୀଚ, ମାଲିକ-ଶ୍ରମିକ, ଜମିଦାର-କୃଷକ ଆଦି ଭେଦଭାବ ରହିବନାହିଁ। ଏଥିସହିତ କୋଠାରୀ କମିଶନ ମଧ୍ୟ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ। କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ। ଲୋକନାୟକ ଜୟପ୍ରକାଶ ନାରାୟଣ ମଧ୍ୟ କୋଠାରୀ କମିଶନଙ୍କ ସୁପାରିଶ ସପକ୍ଷରେ ମତ ଦେଇଥିଲେ। ଏସବୁ ସତ୍ତ୍ୱେ ଶିକ୍ଷାକ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ। ଏବେ ଏପରି ପରିସ୍ଥିତି ହୋଇଛି ଯେ, ପିଲାଙ୍କ ଶିକ୍ଷା କଥା ଉଠିଲେ ପ୍ରଥମେ ମନକୁ ଆସିଥାଏ ସରକାରୀ ସ୍କୁଲ ନା ବେସରକାରୀ ସ୍କୁଲ। ଏଥିସହିତ ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟରେ ତୁଳନା ଆରମ୍ଭ ହୋଇଯାଏ। ସ୍ଥିତି ଓ ସାମର୍ଥ୍ୟ ଅନୁସାରେ ଅଭିଭାବକମାନଙ୍କର ପ୍ରଥମ ପସନ୍ଦ ହୋଇଥାଏ ବେସରକାରୀ ସ୍କୁଲ। ଏହାର ଅନେକ କାରଣ ରହିଛି। ସରକାରୀ ସ୍କୁଲରେ ଭିତ୍ତି ଭୂମିର ଅଭାବ, ଶିକ୍ଷକ ଅଭାବ ଏବଂ ଅନ୍ୟାନ୍ୟ ସବୁଧାସୁଯୋଗର ଅଭାବ ଅଭିଭାବକମାନଙ୍କୁ ବେସରକାରୀ ସ୍କୁଲକୁ ଟାଣି ନେଇଥାଏ।

ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ। ଏହା ଉପରେ ଦେଶର ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ସର୍ବୋପରି ମହାବିଦ୍ୟାଳୟର ଭବିଷ୍ୟତ ନିର୍ଭର କରେ। ମାତ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ। ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଲାଇଛନ୍ତି। ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନିଜଣ ଶିକ୍ଷକରେ ସ୍କୁଲ ଚାଲିଛି। ସେହିପରି ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି। ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ। ‘ଓପେପା’ ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ। ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ। ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ। ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ। ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତ୍ତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି।

କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି। ବିଦ୍ୟାଳୟକୁ ସର୍ବାଙ୍ଗସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି। ସରକାରୀ ସ୍କୁଲର ଏଭଳି ଦୟନୀୟ ସ୍ଥିତି ଯୋଗୁଁ ଅଭିଭାବକମାନେ ଘରୋଇ ସ୍କୁଲ ଉପରେ ଅତି ମାତ୍ରାରେ ନିର୍ଭର କରୁଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କରି ୨୦୧୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଏକ ଐତିହାସିକ ରାୟରେ କହିଥିଲେ ଯେ, ମନ୍ତ୍ରୀ, ଅଫିସର ଓ ସରକାରୀ କର୍ମଚାରୀ ଯେଉଁମାନେ ସରକାରଙ୍କ ରାଜକୋଷରୁ ଦରମା ନେଉଛନ୍ତି ସେମାନଙ୍କ ପିଲାମାନେ ସରକାରୀ ସ୍କୁଲରେ ପଢିବା ବାଧ୍ୟତାମୂଳକ ହେଉ। ଏପରି ହେଲେ ସରକାରୀ ସ୍କୁଲଗୁଡିକରେ ଶିକ୍ଷା ବ୍ୟବସ୍ଥା ସୁଧୁରିଯିବ। ମାତ୍ର ଏହା ହେଲାନାହିଁ।

ରାଜ୍ୟ ସରକାରଙ୍କ ଏହି ଐତିହାସିକ ସଂରକ୍ଷଣ ନିଷ୍ପତ୍ତି ଦ୍ୱାରା ଆର୍ଥିକ ସ୍ତରରେ ଅନୁନ୍ନତ ଓ ଗରିବ ମେଧାବୀ ବିଦ୍ୟାର୍ଥୀ ବୃତ୍ତିଗତ ଶିକ୍ଷା ପାଇବା ସମ୍ଭବ ହୋଇପାରିବ। ମାତ୍ର କେତେକ ମହଲରେ ଏହାକୁ ସ୍ୱାଗତ କରାଯାଇଥିବା ବେଳେ ଆଉ କେତେକ ଏହାର ସଫଳତା ନେଇ ପ୍ରଶ୍ନ ଉଠାଇଛନ୍ତି। କେତେକଙ୍କ ମତରେ ୧୫ ପ୍ରତିଶତ ସଂରକ୍ଷଣ ଲୋଭରେ କ’ଣ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଆଗ୍ରହୀ ହେବେ! ସେହିପରି ସବୁ ପିଲା କ’ଣ କେବଳ ଡାକ୍ତର ବା ଇଞ୍ଜିନିୟରିଂ ପଢିବାକୁ ଚାହାଁନ୍ତି କି? ଅଭିଭାବକ ତଥା ବିଭିନ୍ନ ପିଲାଙ୍କର ଭିନ୍ନ ଭିନ୍ନ ରୁଚି ରହିଛି। ବିଶେଷକରି ଯେଉଁଠି ଗୁଣାତ୍ମକ ମାନର ଶିକ୍ଷା ମିଳିବ, ବାପା-ମାଆ ନିଶ୍ଚେ ସେହି ସ୍କୁଲରେ ପିଲାଙ୍କୁ ପଢାଇବାକୁ ଚାହିଁବେ। ତେଣୁ ଆମ ସରକାରୀ ସ୍କୁଲଗୁଡିକରେ ଭିତ୍ତିଭୂମି ଓ ପାଠପଢାର ମାନ ବୃଦ୍ଧି ଦିଗରେ ସରକାର ଯଦି ଚେଷ୍ଟା କରନ୍ତେ, ତାହାହେଲେ ସ୍ୱତଃ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସରକାରୀ ସ୍କୁଲରେ ପଢାଇବାକୁ ଅଧିକ ପସନ୍ଦ କରନ୍ତେ। ତା’ ନହେଲେ କେବଳ ୧୫ ପ୍ରତିଶତ ସଂରକ୍ଷଣ ପିଲାଙ୍କୁ ସରକାରୀ ସ୍କୁଲକୁ ଟାଣିଆଣିପାରିବ ନାହିଁ!



**ହିମାଂଶୁଶେଖର ଆଚାର୍ଯ୍ୟ**
*ଅବସରପ୍ରାପ୍ତ ଅଧ୍ୟାପକ, ତିର୍ତ୍ତୋଲ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨*

# ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ‘ଓଡିଶା ଇତିହାସ’ ହିନ୍ଦୀ ଅନୁବାଦ ପୁସ୍ତକ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ



ବ୍ରହ୍ମପୁର (ପିଏନ୍): ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ବୋଲି ଡ଼. ହରେକୃଷ୍ଣ ମହତାବ ଫାଉଣ୍ଡେସନ ଆନୁକୂଲ୍ୟରେ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ‘ଓଡ଼ିଶା ଇତିହାସ’ (ଓଡ଼ିଆରୁ ହିନ୍ଦୀ ଅନୁବାଦିତ) ପୁସ୍ତକକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ମଧ୍ୟାହ୍ନରେ ନୂଆଦିଲ୍ଲୀ ସ୍ଥିତ ଡ଼.ଆମ୍ବେଦକର ଇଣ୍ଟରନେସନାଲ ସେଣ୍ଟର ଠାରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ଓଡିଶା ଇତିହାସ ସମ୍ପର୍କରେ ସମଗ୍ର ଦେଶ ଅବଗତ ହୋଇପାରିବ ବୋଲି କହିଥିଲେ। ସେ କହିଥିଲେ ଯେ ଡ଼. ହରେକୃଷ୍ଣ ମହତାବ ଜଣେ ବିଚକ୍ଷଣ ରାଜନୈତିକ ନେତା ସହିତ ସ୍ୱାଧିନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ, ଭାରତ ଛାଡ଼ ଆନ୍ଦୋଳନ ଏବଂ ଓଡିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଭୂମିକା ଅତୁଳନୀୟ। ଭାରତର ବିକାଶ କ୍ଷେତ୍ରରେ ପଶ୍ଚିମାଞ୍ଚଳ ରାଜ୍ୟଗୁଡିକ ଆଗୁଆ ଥିବାବେଳେ ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ଯଥେଷ୍ଟ ପରିମାଣର ପ୍ରାକୃତିକ ସମ୍ପଦ ଭରପୁର ରହିଥିଲେ ମଧ୍ୟ ସେଗୁଡିକର ବିନିଯୋଗ ସଠିକ ଭାବେ ନ ହୋଇପାରୁଥିବା ହେତୁ ବିକାଶର ଶୀଥିଳତା ଦେଖାଦେଇଛି।

ଓଡିଶା ପ୍ରତି ମୋର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ବ୍ରହ୍ମପୁରରେ ଆଇଜର, ନାଇଜର, ସମ୍ବଲପୁରରେ ଆଇଆଇଏମ ଭଳି କେନ୍ଦ୍ରୀୟ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ଯଥେଷ୍ଟ କେନ୍ଦ୍ରୀୟ ପଦକ୍ଷେପ ନିଆଯାଇଛି। ଡ଼. ହରେକୃଷ୍ଣ ମହତାବ ଏହିଭଳି ଜଣେ ବ୍ୟକ୍ତିତ୍ୱ ଯିଏକି ସ୍ୱାଧୀନତା ସଂଗ୍ରାମରେ ବହୁବର୍ଷ କାରାବରଣ କରିଥିବା ବେଳେ ପୁଣି ସ୍ୱାଧୀନତା ପ୍ରାପ୍ତି ପରେ ଜରୁରୀ କାଳୀନ ପରିସ୍ଥିତିରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢେଇ କରି ଦୀର୍ଘ ସମୟ କାରାବରଣ କରିଥିଲେ।

ମହତାବଙ୍କ ସହିତ ନବକୃଷ୍ଣ ଚୌଧରୀ, ମାଳତୀ ଚୌଧୁରୀ, ଚକରା ବିଷୋୟୀ, ଦୋହରା ବିଷୋୟୀ ଏବଂ କୋରାପୁଟର ଲକ୍ଷ୍ମଣ ନାୟକ, ବାଜି ରାଉତଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିଲେ। ଓଡ଼ିଶାର ଇତିହାସ ବାଣିଜ୍ୟ କ୍ଷେତ୍ରରେ ପୃଥିବୀର କୋଣ ଅନୁକୋଣରେ ତାହାର ପ୍ରତିଭା ବିକଶିତ କରିଥିବା ପ୍ରମାଣ ଅଦ୍ୟାବଧି ମହଜୁଦ ଦେଖିବାକୁ ମିଳେ ଅନେକ ଦେଶରେ।

ତେଣୁ ଭାରତର ଇତିହାସ ବିଷୟ ଆଲୋଚନାକୁ ନିଆଯିବା ବେଳେ ଓଡିଶା ଇତିହାସର ଗୋଟିଏ ସ୍ୱତନ୍ତ୍ର ସ୍ଥାନ ରହିଥିବା ସ୍ୱୀକାର୍ଯ୍ୟ। ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଡ଼. ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ଉନ୍ମୋଚନ କରି ନିଜକୁ ଧନ୍ୟ ମନେ କରିଥିବା ବିଷୟ ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉତ୍କଳ କେଶରୀ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରି ଓଡିଶା ଇତିହାସର ହିନ୍ଦୀ ଅନୁବାଦ ପୁସ୍ତକକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିବାରୁ ତାଙ୍କପ୍ରତି କୃତଜ୍ଞତା ଜଣାଇଥିଲେ। ହରେକୃଷ୍ଣ ମହତାବ ଫାଉଣ୍ଡେସନର ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ ଓଡିଶା ଇତିହାସ ସମ୍ପର୍କରେ ସୂଚନା ଦେବା ସହ ଶଙ୍କର ଲାଲ ପୁରୋହିତଙ୍କ ଦ୍ୱାରା ଏହି ହିନ୍ଦୀ ଅନୁବାଦ ପୁସ୍ତକକୁ ଲୋକାଦୃତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ ହୋଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସାଧୁବାଦ ଜଣାଇଥିଲେ।

ଏ ସମ୍ପର୍କରେ ସ୍ଥାନୀୟ ହୋଟେଲ ମୋତିଠାରେ ନୂଆଦିଲ୍ଲୀରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ପୂର୍ବରୁ ଏକ ସଭା ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ପ୍ରଫେସର ଡ଼ା. ପିସି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କାର୍ଯ୍ୟକ୍ରମର ସଂଯୋଜକ ତଥା ବରିଷ୍ଠ ସାମ୍ବାଦିକ ରବି ରଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଡ଼. ମହତାବଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଦକ୍ଷିଣ ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ପ୍ରଫେସର ମଦନ ମୋହନ ମହାପାତ୍ର, ଐତିହାସିକ ତଥା ନାଟ୍ୟକାର ମେଜର ରମାରମଣ ପାଢ଼ୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ପାଢ଼ୀଶର୍ମା ପ୍ରମୁଖ ଡ଼. ମହତାବଙ୍କ ବିଭିନ୍ନ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସହରର ବିଭିନ୍ନ ସ୍ଥାନରୁ ଶତାଧିକ ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଆମ ଗାଁ ସାହିତ୍ୟ ପରିଷଦର ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମର ଶିବ ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଏକ ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ସଂଜୟ କୁମାର ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାହିତ୍ୟସଭାରେ ଅବସରପ୍ରାପ୍ତ ପ୍ରଫେସର ଡ଼ଃ. ସୂର୍ଯ୍ୟମଣୀ ପଣ୍ଡା ମୁଖ୍ୟଅତିଥି, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, ଆଇନଜୀବି ପ୍ରଦୀପ କୁମାର ଦାଶ ଓ ବାସ୍ତୁ ବିଜ୍ଞାନୀ ନାରାୟଣ ପତି ପ୍ରମୁଖ ଯୋଗଦେଇ କବିତାର ସୁନ୍ଦର ଶବ୍ଦ ସଂଯୋଜନା ଓ ସମାଜର ନିଖୁଣ ଚିତ୍ର ପରିପ୍ରକାଶ ହେଲେ ଏହା ଅଧିକ ଶ୍ରୁତିମଧୁର ଓ ଗ୍ରହଣୀୟ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଂପାଦକ ସ୍ୱପ୍ନାଂଶୁ କୁମାର ଦାସ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଯୋଗଗୁରୁ ସଂଜୟ କୁମାରେ ମଥାନ ବେଦପାଠ କରିଥିଲେ। ଶିକ୍ଷାବୀତ ସୁବାଷ କୁମାର ମାହାଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରବଚକ ଶରତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡଃ. ଅଭୟ କୁମାର ରାଉତ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ନିରୁପମା ଦାସଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମନ୍ମଥନାଥ ବରାଳ, ଅଜୟ କୁମାର ପାତ୍ର, ଭରତ ଚରଣ ସାହୁ, ରଞ୍ଜନ ବାଇ, ରାମକୃଷ୍ଣ ଦାଶ, ଅପର୍ଣ୍ଣା ସେଠୀ, ସୁବାଷ ପାତ୍ର, ରଘୁନାଥ ସାହୁ, ଡଃ. ରତ୍ନାକର ମଲ୍ଲିକ, ଗଗନବିହାରୀ ସିଂ, ସାବିତ୍ରୀ ମହାରଣା, ପରମାନନ୍ଦ ଥାଟୋଇ, ବର୍ଷାରାଣୀ ବରାଳ ପ୍ରମୁଖ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ତୁଳସୀ କଲଚରାଲ ଆସୋସିଏସନ ଭଳି ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମରେ ନିଖୁଣ କଳା ପ୍ରଦର୍ଶନ କରିଥିବାରୁ ଅଶୋକ କୁମାର ସାହୁ ଓ କବୟିତ୍ରୀ ଗିତାଞ୍ଜଳୀ ସାହୁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଟିଟିକାନ୍ତ ନାୟକ ଓ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ଦଫା ଦାବି ପୁରଣ ପାଇଁ ଆଶାକର୍ମୀ ଙ୍କ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘର କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ପ୍ରସ୍ତୁତି ବୈଠକ ଗୋପଛକ ଠାରେ ଉପସଭାପତି ସୁକାନ୍ତୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ୨ଶହିଦ ଆଶାକର୍ମୀଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲା ସମ୍ପାଦିକା ସାଥି କାନ୍ତିପ୍ରଭା ନାୟକ ବିଗତ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମହାକାଳପଡାର ସଭାପତି ରଞ୍ଜୁଲତା ବେହେରା, ନନ୍ଦିନୀ ସ୍ୱାଇଁ, କବିତା ସାମଲ, ଭଜହରି ପ୍ରଧାନ, ଅକ୍ଷୟ ମଲ୍ଲିକ, ଅଜୟ ସାମ. ମାନିନି ମଲ୍ଲିକ, ସସ୍ମିତା ବାରିକ ପ୍ରଭୃତି ଆଶାକର୍ମୀମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏ.ଆଇ.ଟି.ୟୁ.ସି. ନେତା ଆଇନଜିବି ରମଣୀରଞ୍ଜନ ରାଉତରାୟ, ସରସ୍ୱତୀ ସ୍ୱାଇଁ, ବନ୍ଦନା ମଲ୍ଲିକ ପ୍ରମୁଖ ଦାବିକୁ ସମର୍ଥନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଯଦି ସରକାର କାମ ଅନୁସାରେ ପ୍ରାପ୍ୟ ପ୍ରଦାନ ନକରନ୍ତି, ଆଶାମାନଙ୍କୁ ପଦୋନ୍ନତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, କରୋନା ସହାୟତା ଦୈନିକ ପାରିଶ୍ରମିକ ବାବଦକୁ ଏକ ହଜାର ଟଙ୍କା ନଦିଅନ୍ତି ପ୍ରଭୃତି ଦଶଦଫା ଦାବିକୁ ନେଇ ଆସନ୍ତା ସୋମବାର ସମସ୍ତ ପିଏଚସିରେ ଦାବିପତ୍ର ପ୍ରଦାନ କରାଯିବ। ଆସନ୍ତା ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହା ପରେ ଦାବି ହାସଲ ନହେଲେ ରାଜ୍ୟ ବ୍ୟାପି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଲୁଥେରାନ ଶିଶୁଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁସନ୍ତାନ ଜନ୍ମ ଘଟଣା: ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ମହିଳା ସମିତି ଶିଶୁ ଯତ୍ନ କେନ୍ଦ୍ରରେ ଦୁଷ୍କର୍ମରୁ ଶିଶୁ ସନ୍ତାନ ଜନ୍ମ ଘଟଣା ପୂର୍ବରୁ କିଛି ସଂଗୀନ ଅଭିଯୋଗକୁ ପ୍ରଶାସନ ଚପାଇଦେବାରୁ ଏଭଳି ଘଟଣାର ପୁନରାବୃତ୍ତି ହୋଇଛି ବୋଲି ଅଭିଯୋଗ ହୋଇଛି। ଗତ ୨୦୨୦ମସିହା ଫେବୃୟାରୀମାସରେ ସେହିସଂସ୍ଥାର ଜନୈକ ଅନ୍ତେବାସୀ ନାବାଳିକାକୁ ଭୀଷଣ ମାଡମରାଯାଇଥିବା ସମ୍ପର୍କରେ ସଂସ୍ଥାର ସୁପରିନଟେଣ୍ଡେଟ ତତ୍କାଳୀନ କେନ୍ଦ୍ରାପଡା ଶିଶୁ ମଙ୍ଗଳ ସମିତିର ଭାରପ୍ରାପ୍ତ ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ।ସେହି ଅଭିଯୋଗ ଉପରେ ତଦନ୍ତ କରିବାକୁ ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ଶିଶୁ ମଙ୍ଗଳ ସମିତିର ସଭ୍ୟ କିଶୋର କୁମାର ସ୍ୱାଇଁ ଓ ଲଳିତାଞ୍ଜଳି ଦାସଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପି.ଓ. ଆଇ.ସି. ବାଦଲ ଦାଶ, ପି.ଓ. ଏନ.ଆଇ.ସି. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଏଲ.ପି.ଓ. ବିବେକାନନ୍ଦ ଅଞ୍ଚବୁଦ୍ଧିଙ୍କୁ ନେଇ ଗଠିତ ଏକ ଟିମର ନେତୃତ୍ୱ ନେଇ ଯାଇଥିଲେ। ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ପହଁଚିବା ପରେ ଅଧ୍ୟକ୍ଷା ଶ୍ରୀମତୀ ମହାପାତ୍ର ପିଡିତା ନାବାଳିକା ସମେତ ଅନ୍ୟ କେତେକ ଅନ୍ତେବାସୀଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଅନ୍ତେବାସୀମାନଙ୍କ ସମସ୍ତ ଷ୍ଟେଟମେଂଟକୁ ଭିଡିଓ ରେକଡିଂ ମଧ୍ୟ କରିଥିଲେ। ଏକ ବିଶେଷ ସୁତ୍ରରୁ ପ୍ରକାଶ ଯେ ସଂପୃକ୍ତ ସଂସ୍ଥାର ଜନୈକ ମହିଳା କର୍ମଚାରୀଙ୍କ ସହିତ ଅନ୍ୟ ଜଣେ କର୍ମକର୍ତ୍ତାଙ୍କ ଅନୈତିକ କାର୍ଯ୍ୟକୁ ଅନ୍ତେବାସୀ ନାବାଳିକା ଜଣଙ୍କ ଦେଖିଦେଇଥିବାରୁ ଘଟଣା ସମ୍ପର୍କରେ କାହାରିକୁ ନକହିବା ଉଦେଶ୍ୟରେ ତାକୁ ଭୀଷଣ ମାଡମରାଯାଇଥିଲା। ତଦନ୍ତ ସଂପୂର୍ଣ୍ଣ କରି ସେଠାରୁ ଫେରିଆସିବା ପରେ ସେହି ଅଭିଯୋଗ ଉପରେ ତାଙ୍କର ତଦନ୍ତ ରିପୋର୍ଟ ସହିତ ଭିଡିଓ ରେକଡିଂର ଏକ ସିଡି ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ବର୍ମା ତଦନ୍ତ ରିପୋର୍ଟକୁ ଅନୁଧାନ କରି ସେ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶ ମତେ ଏ.ଡି.ଏମ. ଶ୍ରୀ ରାଉତଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥରବା ବେଳେ ଏ.ଡି.ଏମ. ଶ୍ରୀ ରାଉତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଚିନ୍ମୟୀ ରଥଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା କହୁଥିବା ବେଳେ ତଦନ୍ତ ହୋଇଛି କି ନାହିଁ ସେ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ପାଖରେ କିଛି ସୂଚନା ନଥିବା କହିଛନ୍ତି। ଅନ୍ୟ ପକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ତଦନ୍ତ ହୋଇଥିଲା କିନ୍ତୁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସମ୍ପର୍କରେ ତାଙ୍କର ମନେନଥିବା କହିଛନ୍ତି। କିନ୍ତୁ ପ୍ରକୃତ ପକ୍ଷେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିର୍ଦ୍ଦେଶରେ ଉପଯୁକ୍ତ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ଜଣେ ଭାରପ୍ରାପ୍ତ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତାଙ୍କର ତଦନ୍ତ ରିପୋର୍ଟ ଓ ତଦନ୍ତର ଭିଡିଓ ରେକଡିଂ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ଏବଂ ବାରମ୍ବାର ଲୁଥେରାନ ଶିଶୁ ଯତ୍ନ କେନ୍ଦ୍ରରେ ରହୁଥରବା ଅନାଥ ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିସୁ ସୁରକ୍ଷା ଅଧିକାରୀଙ୍କୁ ସେହି ଘଟଣାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବଗତ କରିଥିଲେବି ପ୍ରଶାସନ ପକ୍ଷରୁ କୌଣସି ତ୍ୱରିତ ପଦକ୍ଷେପ ଗ୍ରହଣ କରାନଯାଇ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଯଦି ପ୍ରସାସନ ସେହି ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତା ତେବେ ସେହି ଭଳି ଅନ୍ୟ ଏକ ଘଟଣା ଆଜି ଘଟିନଥାନ୍ତା ବୋଲି କୁହାଯାଉଛି। ଏତଦବ୍ୟତିତ ସେହି ଘଟଣାକୁ ଚପାଇଦେବା ଉଦେଶ୍ୟରେ ଅଧ୍ୟକ୍ଷାଙ୍କୁ ଘଟଣା ସମ୍ପର୍କରେ କହିଥିବା ଅନ୍ତେବାସୀ ଓ ସଂପୃକ୍ତ ପିଡିତାଙ୍କୁ ଶିସୁ ଯତ୍ନ କେନ୍ଦ୍ରରୁ ବାହାର କରିଦିଆଯାଇଥିବା ଅଭିଯୋଗ ହୋଇଛି। ପ୍ରତିମାସରେ ଏକାଧିକ ଥର ବିଭିନ୍ନ ତଦନ୍ତ ଓ ପରିଦର୍ଶନ ଆଳରେ ସେହି ଶିଶୁ ଯତ୍ନ କେନ୍ଦ୍ରକୁ ଯାଉଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପିଓ ଆଇସି ସମସ୍ତ ଘଟଣା ସମ୍ପର୍କରେ ଜାଣି ମଧ୍ୟ ଘଟଣା ସବୁକୁ ଚପାଇ ଦେବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି। ସଂପୃକ୍ତ ଶିଶୁ ଯତ୍ନ କେନ୍ଦ୍ର ସମେତ ଜିଲ୍ଲାର ଅନ୍ୟ ଶିଶୁ ଯତ୍ନ କେନ୍ଦ୍ର ଗୁଡିକରେ ଅନ୍ତେବାସୀଙ୍କ ସୁରକ୍ଷା ସଂପୂର୍ଣ୍ଣ ଢିଲା ଓ ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ହୋଇଛି। ଏସମସ୍ତ ଅଭିଯୋଗର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ସଂପୃକ୍ତ ସଂସ୍ଥାର ଜଣେ କର୍ମଚାରୀଙ୍କ ସହ ବାରମ୍ବାର ଦୁଷ୍କର୍ମରୁ ଶିଶୁ ପୁତ୍ର ଜନ୍ମ ହୋଇଥିବା ଘଟଣାର ତଦନ୍ତ ପାଇଁ ସୋମବାର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କେନ୍ଦ୍ରାପଡାର ଲୁଥେରାନ ମହିଳା ସମିତିକୁ ଆସୁଥିବା ସୂଚନା ମିଳିଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୦୩**

# ନିଉଜ୍ କ୍ଲିକରେ ଚୀନର ଅର୍ଥ

ସୌମେନ୍ଦ୍ର ଜେନା

ଭାରତକୁ ଦଖଲ କରିବା ପାଇଁ ଚୀନ କେବଳ ଲଦାଖର ସୀମାରେ ଦୁଇଲକ୍ଷରୁ ଅଧିକ ସଂଖ୍ୟକ ସେନା ଯେ ଠିଆ କରାଇଛି, ତା ନୁହେଁ ଦେଶ ଭିତରେ ଅନେକ ଲୋକଙ୍କୁ କାର୍ଯ୍ୟକରିବା ଲାଗି ପ୍ରସ୍ତୁତ କରିସାରିଛି । ଯେମିତି ଅତୀତ ଦିନରେ କଂଗ୍ରେସ ଦଳ ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ସଂପର୍କ ସ୍ଥାପନା, ସହଯୋଗ ବୃଦ୍ଧି ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ବେଜିଂଠାରେ ଦୁଇଦଳ ମଧ୍ୟରେ ଅଲମ୍ପିକ କ୍ରୀଡା ଚାଲିବା ସମୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଏକଦଳୀୟ ଶାସନ, ଜିନ୍‌ପିଙ୍ଗଙ୍କୁ ଆଜୀବନ ରାଷ୍ଟ୍ରପତି ରହିବା ବ୍ୟବସ୍ଥାକୁ ଗ୍ରହଣ କରିଥିବା ଏକଛତ୍ରବାଦୀ ଚୀନ କିପରି ଭାରତର ଗଣତନ୍ତ୍ରକୁ ସହଯୋଗ କରିବାକୁ କହିଲା ଏବଂ ଦେଶର ତତ୍‌କାଳୀନ ଶାସକଦଳ ତାକୁ ଗ୍ରହଣ କଲା ତାହା ଏବେବି ସନ୍ଦେହ ମଧ୍ୟରେ ରହିଛି । ଉକ୍ତ ମାମଲା ପଛରେ ଯେପରି ଆର୍ଥିକ କାରବାର ନେଇ ସନ୍ଦେହ ଉଠିଥିଲା ଠିକ୍ ସେମିତି ନିଉଜକ୍ଲିକ ନାମକ ଏକ ନିଉଜ୍ ପୋର୍ଟାଲ ବିରୋଧରେ ଚୀନା ସରକାର ସପକ୍ଷବାଦୀ ସମ୍ବାଦ ଭାରତରେ ପ୍ରସାର କରିବାପାଇଁ ଅର୍ଥ ଦେଣନେଣ ସଂକ୍ରାନ୍ତରେ ଇଡି (ପ୍ରବର୍ତନ ମନ୍ତ୍ରଣାଳୟ) କର୍ତ୍ତୃପକ୍ଷଙ୍କ ନିକଟରେ ତଥ୍ୟ ପହଞ୍ଚିବା ପରେ ସେମାନେ ଚଢାଉ କରିଥିଲେ । ଚଳିତବର୍ଷ ଫେବୃଆରୀ ମାସରେ ଏହି ସଂସ୍ଥା ସହିତ ଜଡିତ ଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ଘର ଉପରେ ୯ଟି ସ୍ଥାନରେ ଚଢାଉ କରାଯାଇଥିଲା । ସେହି ସମୟରେ ଅନେତ ତଥ୍ୟ ସାଧାରଣକୁ ଆସିଥିଲା । କିପରି ଯୋଜନାବଦ୍ଧ ଭାବେ ଚୀନା କମ୍ୟୁନିଷ୍ଟ ପାର୍ଟି ସହ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ମାଧ୍ୟମରେ ୩୦କୋଟିରୁ ଅଧିକ ଅର୍ଥ ଏକ ନିଉଜ୍ ପୋର୍ଟାଲ ସଂସ୍ଥା ପାଇଲା ତାହା ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା । କେବଳ ସେତିକି ନୁହେଁ ଏବେ ଜେଲରେ ଥିବା ଜଣେ ବ୍ୟକ୍ତିଙ୍କୁ ଏହି ସଂସ୍ଥାରୁ କୋଟି କୋଟି ଟଙ୍କା ଦିଆଯିବା ମଧ୍ୟ ସନ୍ଦେହ ସୃଷ୍ଟି କରିଛି । ଗତ କିଛିଦିନ ତଳେ ଚୀନ ସରକାରଙ୍କ ଶହେ ବର୍ଷ ପୂର୍ତ୍ତି ଅବସରରେ ପ୍ରକାଶିତ ବିଜ୍ଞାପନ ମଧ୍ୟ ଦକ୍ଷିଣ ଭାରତରୁ ପ୍ରକାଶ ପାଉଥିବା ଦି ହିନ୍ଦୁ ଖବରକାଗଜର ମୁଖ୍ୟ ପୃଷ୍ଠାକୁ ମାଡିବସିଥିଲା । ବାରମ୍ବାର ଜିନପିଙ୍ଗଙ୍କ ସମର୍ଥନରେ ଏହି ଖବରକାଗଜ ଚୀନା ସରକାରଙ୍କ ସପକ୍ଷରେ କାହିଁକି ଧାରାବାହିକ ଲେଖିଆସିଛି ସେ ନେଇ ଏବେ ସମସ୍ତଙ୍କ ସନ୍ଦେହ ଦୂର ହୋଇଛି । ଭାରତରେ ଚୀନ ସରକାରଙ୍କ ସପକ୍ଷରେ ବ୍ୟାଟିଂ କରୁଥିବା ଅନେକ ଗୋଷ୍ଠୀ ମଧ୍ୟରୁ ଗଣମାଧ୍ୟମରେ ଯେ ଏକ ବଡ ଗୋଷ୍ଠୀ ରହିଛି ତା ଉପରୁ କଳାପରଦା ଉଠିବାରେ ଲାଗିଛି । ଅତୀତରେ ବାମପନ୍ଥୀ ରାଜନୀତିକ ଦଳ, ସେମାନଙ୍କ ଶ୍ରମିକ ସଂଗଠନ ଏବଂ ଉଗ୍ରବାଦୀ ଅସ୍ତ୍ରଧାରୀ ନକ୍‌ସଲମାନେ ଚୀନର ମୁଖ୍ୟଙ୍କୁ ନିଜର ମୁଖ୍ୟ ଭାବେ ସ୍ୱୀକାର କରି ଅନେକ ବକ୍ତବ୍ୟ ଦେଇଛନ୍ତି । ସେହିକ୍ରମରେ ଦେଶର କିଛି ଗଣମାଧ୍ୟମ ଚୀନା ଅର୍ଥରେ ଦେଶ ଭିତରେ ଚୀନ ସରକାରଙ୍କ ସପକ୍ଷରେ ଏବଂ ଭାରତ ସରକାରଙ୍କ ବିପକ୍ଷରେ ସମ୍ବାଦ ପ୍ରସାରିତ କରି ଭାରତୀୟଙ୍କୁ ଚୀନ ସପକ୍ଷବାଦୀ କରି ଛିଡା କରିବା କାର୍ଯ୍ୟରେ ଲାଗିପଡିଛନ୍ତି । ମୁକ୍ତମତ ରଖିବା ଆଳରେ ଅନେକ ମିଛ ଖବରକୁ ମଧ୍ୟ ସେମାନେ ଅତୀତରେ ପ୍ରସାରିତ କରି ଲୋକମାନଙ୍କୁ ବିଭ୍ରାନ୍ତ କରିଆସିଛନ୍ତି । ନିଉଜ୍ ପୋର୍ଟାଲଗୁଡିକ ପାଇଁ ପୂର୍ବେ ସେପରି କିଛି ଆଇନ ନଥିବାର ସୁବିଧା ନେଇ ଏହିସବୁ ସଂସ୍ଥା ଷଡଯନ୍ତ୍ର ପୂର୍ଣ୍ଣ କାର୍ଯ୍ୟ କରିଆସିଛନ୍ତି ତେବେ ଜାଲିଆତି ଉପାୟରେ ବିଦେଶୀ ଅର୍ଥ ଦେଶକୁ ଆଣି ଏମାନେ ଅନେକ ଆନ୍ଦୋଳନଜୀବୀଙ୍କୁ ଦେଇଥିବା ବିଷୟ ଏବେ ଜଣାପଡିଛି । ମହାରାଷ୍ଟ୍ରର ଭୀମା କୋରେଗାଓଁ ଦଙ୍ଗାରେ ସଂପୃକ୍ତ ସେଠାକାର ସଂଗଠନ ଏଲଗାର ପରିଷଦ ସହ ସଂପର୍କ ରଖିଥିବା ଗୌତମ ନବଲଖାଙ୍କୁ କୋଟି କୋଟି ଟଙ୍କା ନିଉଜ କ୍ଲିକ ଖାତାରୁ ପ୍ରଦାନ କରାଯିବା ଜଣାପଡିଛି । ଇଡି ସୂଚନାରୁ ଜଣାଯାଏ ଯେ ପ୍ରବୀର ପୁରକାୟସ୍ଥଙ୍କ ଦ୍ୱାରା ସ୍ଥାପିତ ପିପିକେ ନିଉଜକ୍ଲିକ ଷ୍ଟୁଡିଓ ପ୍ରାଇଭେଟ ଲିମିଟେଡକୁ ୨୦୧୮-୨୦୨୧ ମଧ୍ୟରେ ଶ୍ରୀଲଙ୍କା-କ୍ୟୁବାରେ କାର୍ଯ୍ୟରତ ବ୍ୟବସାୟୀ ନେଭିଲେ ରୟ ସିଙ୍ଘମଙ୍କ ମାଧ୍ୟମରେ ୩୮ କୋଟି ଟଙ୍କା ଆସିଥିଲା । ଚୀନ କମ୍ୟୁନିଷ୍ଟ ପାର୍ଟିର ପ୍ରଚାର ବିଭାଗ ସହ ଏହି ସିଂହଳୀ ବ୍ୟକ୍ତିଙ୍କ ସଂପର୍କ ରହିଛି । ନିଉଜ୍ କ୍ଲିକ ସଂସ୍ଥାକୁ ଆମେରିକାର ଜଷ୍ଟିସ ଏଣ୍ଡ ଏଜୁକେସନ ଫଣ୍ଡରୁ ୨୭କୋଟି ୫୧ଲକ୍ଷ, ଜିଏସ୍ ପାନ ଏଲ୍‌ଏଲ୍‌ସି(ଆମେରିକା)ରୁ ୨୬.୯୮ଲକ୍ଷ, ଦି ଟ୍ରାଇ କଣ୍ଟିନେଣ୍ଟାଲ ଲିମିଟେଡ୍ (ଆମେରିକା)ରୁ ୪୯.୩୧ ଲକ୍ଷ ଏବଂ ବ୍ରାଜିଲର ସେଣ୍ଟ୍ରୋ ପପୁଲାର ଡେମିଡାସ ପକ୍ଷରୁ ୨.୦୩ ଲକ୍ଷଟଙ୍କା ଆସିଥିଲା । ଭିଡିଓ ଏବଂ ଲେଖା ଅପ୍‌ଲୋଡ କରିବା ପାଇଁ ୨୮ କୋଟି ୪୬ଲକ୍ଷ ଆସିଥିବା କୁହାଯାଉଛି । ନିଉଜ୍ କ୍ଲିକ ସଂସ୍ଥା ପକ୍ଷରୁ ଜେଲରେ ଥିବା ଅଭିଯୁକ୍ତ ନଭଲଖାଙ୍କୁ ୨୦.୫୩ଲକ୍ଷ ଏବଂ ସିପିଏମ ଦଳର ଆଇଟି ସେଲ ସଦସ୍ୟ ବାପ୍ପାଦିତ୍ୟ ସିହ୍ନାଙ୍କୁ ୫୨.୦୯ ଲକ୍ଷ ଟଙ୍କା ଦିଆଯାଇଥିଲା । ଆମେରିକାର ଡେଲାୱେର ଠାରେ ବନ୍ଦ ଥିବା କମ୍ପାନୀ ୱାର୍ଲ୍ଡୱାଇଡ୍ ମିଡିଆ ହୋଲଡିଂସ୍ ଏଲ୍‌ଏଲ୍‌ସିରୁ ନିଉଜ କ୍ଲିକ ସଂସ୍ଥାକୁ ୯.୫୯ କୋଟିର ବିଦେଶୀ ଅର୍ଥ ଆସିଥିଲା । ପରେ ଏପ୍ରିଲ ୨୦୧୮ରେ ୨୦.୯୨ କୋଟି ଟଙ୍କା ରପ୍ତାନୀ ସେବା ବାବଦକୁ ମିଳିଥିବା ଉଲ୍ଲେଖ କରାଯାଇଛି । ଏପ୍ରିଲ ୨୦୧୮ରେ ନବଗଠିତ ଏହି ସଂସ୍ଥା ୧୧ଟଙ୍କା ମୂଲ୍ୟର ସେୟାରକୁ ଆମେରିକାର ୱାର୍ଲ୍ଡ ୱାଇଡ୍ ମିଡିଆକୁ ସେଆର ପିଛା ୧୧,୫୧୦ ଟଙ୍କାରେ ବିକ୍ରି କରିଥିବା ଜଣାପଡିଛି । ବିଦେଶୀ ନିବେଶକୁ ଦେଶକୁ ଅଣାଯିବା ଲାଗି କୃତ୍ରିମ ଉପାୟରେ ଅଂଶଧନର ମୂଲ୍ୟ ବୃଦ୍ଧି କରାଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି । ଟାଇମସ୍ ଅଫ ଇଣ୍ଡିଆରେ ପ୍ରକାଶିତ ସମ୍ବାଦରୁ ଜଣାପଡିଛି ଯେ ଆଫ୍ରିକାରେ ଚୀନର ଦମନଲୀଳା ଚାଲିଥିବା ବେଳେ ସେଠାରେ ଲୋକେ ପ୍ରବଳ ବିରୋଧ କରୁଥିଲେ । ସେହି ଅର୍ଥ ଚୀନ ସରକାରଙ୍କ ସମ୍ମାନରକ୍ଷା ପାଇଁ ଦିଆଯାଇଥିବା କଥା କୁହାଯାଉଛି । ତେବେ ସିଙ୍ଘମଙ୍କର ପୂର୍ବରୁ ଏକ ସଫ୍ଟୱେର କମ୍ପାନୀ ଆମେରିକାରେ ଥିବା ଏବଂ ସେଥିରୁ ସେ ୭୦୦ରୁ ୮୦୦ ମିଲିଅନ ଡଲାର ପାଇଥିବା କଥା ନିଉଜ କ୍ଲିକ୍ କହୁଛି । ସଂସ୍ଥା ପାଇଥିବା ଅର୍ଥରୁ ବିବାଦୀୟ ସମାଜସେବୀ ତିସ୍ତା ଶୀତଲୱାଡ, ଗୌତମ ନଭଲଖା, ପ୍ରରଞ୍ଜୟ ଗୁହା ଠାକୁରର୍ତ୍ତାଙ୍କ ପରି ପ୍ରମୁଖ କିଛି କିଛି ଲୋକ ଏଥିରୁ ଟଙ୍କା ନେଇଥିବା ଜଣାପଡିଛି । ପୁରକାୟସ୍ଥ ସିପିଏମ୍‌ର ୱେବସାଇଟ ସମେତ କେତେକ ବାମବାଦୀ ପତ୍ରିକା ଏବଂ ସମ୍ବାଦପତ୍ରରେ ଲେଖା ଦେଇଥାନ୍ତି । ସେ ଅନ୍ୟ ଏକ ସଂସ୍ଥା ଷ୍ଟାର୍ଟାକସ ସଫ୍ଟୱେର ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି । ଏହି ସଂସ୍ଥାରେ ନଭଲଖା ମଧ୍ୟ ଅନ୍ୟ ଜଣେ ନିର୍ଦ୍ଦେଶକ ଅଛନ୍ତି । ନଭଲଖାଙ୍କ ସଂପର୍କ ପାକର ଆଇଏସ୍‌ଆଇ ଏବଂ ହିଜବୁଲ ମୁଜାହିଦ୍ଦୀନ ସହ ରହିଥିବା ଜଣାପଡିଛି । ନଭରଖା ଏବଂ ପୁରକାୟସ୍ଥ ୧୯୯୩ ସେପ୍ଟେମ୍ବରରୁ ଷ୍ଟାର୍ଟାକସ୍ ସଫ୍ଟୱେୟର ନିର୍ଦ୍ଦେଶକ ରହିଛନ୍ତି । ପୁରକାୟସ୍ଥଙ୍କ କୌଣସି ଦୋଷ ନାହିଁ ବୋଲି କହୁଥିବା ଡିଜିପବ୍ ନିଉଜ୍ ଇଣ୍ଡିଆ ଫାଉଣ୍ଡେସନ ସଂସ୍ଥାର ପୁରକାୟସ୍ଥ ମଧ୍ୟ ଜଣେ ନିର୍ଦ୍ଦେଶକ ଥିଲେ । ଏହି ସଂସ୍ଥାଟି ଅଲଟ ନିଉଜ୍, ନିଉଜ କ୍ଲିକ୍, ନିଉଜ ଲଣ୍ଡ୍ରି, ସ୍କ୍ରଲ, ଦି ନିଉଜ ମିନୁଟ, ଦି କ୍ୱିଣ୍ଟ, ଦି ୱାୟାର, ଆକାଶ ବାନାର୍ଜୀ, ଫାୟେ ଡିସୁଜା, ପରଞ୍ଜୟ ଗୁହା ଠାକୁର୍ତ୍ତା, ନେହା ଦୀକ୍ଷିତଙ୍କୁ ନେଇ ଗଠିତ । ଡିଜିପବ୍‌ର ନିର୍ଦ୍ଦେଶକ ଭାବେ ପୁରକାୟସ୍ଥଙ୍କ ଛଡା ନିଉଜ୍ ମିନୁଟର ଧନ୍ୟା ରାଜେନ୍ଦ୍ରନ, ନିଉଜଲଣ୍ଡ୍ରିର ଅଭିନନ୍ଦନ ସେଖ୍ ଏବଂ ଦି କ୍ୱିଣ୍ଟର ରିତୁ କପୁର ପ୍ରମୁଖ ରହିଛନ୍ତି । ଏହି ଗୋଷ୍ଠୀ ପ୍ରଚଣ୍ଡ ଭାବେ ଭାରତୀୟ ଧର୍ମ ଓ ସଂସ୍କୃତି, ହିନ୍ଦୁ ଧର୍ମ, ଗୋରକ୍ଷା, ନରେନ୍ଦ୍ର ମୋଦୀଙ୍କ ପ୍ରଚଣ୍ଡ ବିରୋଧୀ ରହି ଆସିଛନ୍ତି । ଗୋ ହତ୍ୟାରେ ସଂପୃକ୍ତ ବ୍ୟକ୍ତି ଅପରାଧୀ ନୁହେଁ ବରଂ ଗରିବ ବୋଲି ଏମାନେ ଦର୍ଶାଇ ଆସିଛନ୍ତି । ସାମ୍ବାଦିକର ଖୋଳପା ଭିତରେ ନୀଳବର୍ଣ୍ଣର ଶୃଗାଳ ପରି ଅନେକ ଅପରାଧୀ ଏବେ ପ୍ରଚଣ୍ଡ ବୁଦ୍ଧିଜୀବୀ ଭାବେ ନିଜକୁ ଜନସାଧାରଣରେ ପ୍ରତିଷ୍ଠା ଦେବାରେ ଲାଗିଛନ୍ତି । ସେହି ଆଳରେ ସେମାନଙ୍କୁ ସାତ ଖୁଣ ମାଫ୍ କରାଯିବା ଦରକାର ବୋଲି ବୁଝାଇ ଆସିଛନ୍ତି । ସେମାନଙ୍କ ଜାଲିଆତି, କର ଠକେଇକୁ ଧରିବାପାଇଁ ଯେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେତେବେଳେ ଏମାନେ ଗଣମାଧ୍ୟମର କଣ୍ଠରୋଧ କରାଯିବା ଅଭିଯୋଗ ଆଣି ନିଜର ଦୋଷକୁ ଲୁଚାଇ ଦେବାକୁ ଉଦ୍ୟମ କରିଆସିଛନ୍ତି । ଆଜି ଅର୍ଥ ପାଖରେ ସ୍ୱାର୍ଥକୁ ନେଇ ବିବେକର ବଳି ଚଢାଉଥିବା ଏହିସବୁ ଗଣମାଧ୍ୟମଗୁଡିକର ଜାଲିଆତି ପାଇଁ ସାଧାରଣରେ ଗଣମାଧ୍ୟମ ଉପରୁ ବିଶ୍ୱାସ ହ୍ରାସ ପାଇବାରେ ଲାଗିଛି । ଗଣମାଧ୍ୟମଗୁଡିକ ଦୁର୍ନୀତିରେ ବୁଡି ରହିଲେ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସଙ୍କଟର ସମ୍ମୁଖୀନ ହେବ ଏଥିରେ ସନ୍ଦେହ ନାହିଁ । ଗଣମାଧ୍ୟମକୁ ଏପରି ଅପରାଧ ସହ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କଠାରୁ ମୁକ୍ତ ରଖାଯିବା ପାଇଁ ଉଦ୍ୟମ କରାଯିବାର ସମୟ ଆସି ପହଞ୍ଚିଛି, ସେଥିପାଇଁ ପଦକ୍ଷେପ ନିଆଯାଉ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସେବା ଓ ଶାନ୍ତର ଦେବୀ- ମଦର ଟେରେସା



ଅକ୍ଷୟ କୁମାର ରାଉତ

ଦୁଃସ୍ଥ, ପୀଡିତ,ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ । ଏହି ପ୍ରବୃତ୍ତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତ, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତର ଦେବୀ । ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ । ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତ ପିଡୀତର ସେବାରେ । ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତ । ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ (ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ । ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥ୍‌ଲିକ ଖ୍ରୀଷ୍ଟିୟାନ । ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ । ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା) । ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି । ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା । ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ । ଦାରିଦ୍ର ଜାଲ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ । ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ । ସେ ଛୋଟବେଳରୁ ସତ୍ୟ, ଶାନ୍ତ,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ । ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ । ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା । ମାତାଙ୍କ ଅନୁମତି ନେଇ ସେ ଲୋରେଟା ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ । ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା । ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ । କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା । ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ । ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ । ହାତରେ ପାଂଚ ଟଙ୍କା ଧରି ବସ୍ତଲୋକଙ୍କର ସେବା ଆରମ୍ଭ କରିଦେଲେ । ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ । ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା । ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ । ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ । ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ । ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ । ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ । ବହୁ ଲୋକ ସହଯୋଗର ହାତ ବଢାଇଦେଲେ । ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତ । ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ । 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର । ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ । ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ । ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ । ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା । ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତ । ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗ୍‌ସେସେ ପୁରସ୍କାର' । ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଢଢଓଓଓ ଶାନ୍ତ ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ' ' ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', ' ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣଟ୍ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ । ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତ ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ । କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ ଆଲବେନିଆ ସ୍ୱର୍ଣ୍ଣ ସମ୍ମାନନ୍ତ ପ୍ରଦାନ କରିଥିଲେ । ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ । ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା । ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି ' ର ହେଡକ୍ୱାଟର ' ମଦର ହାଉସକୁ ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ପାରାଦ୍ୱୀପଗଡ,କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ : ଗଣତନ୍ତ୍ର ପ୍ରତି ଉପହାସ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ବାଦପତ୍ର ତଥା ସାମ୍ବାଦିକ ହେଉଛନ୍ତି ଆଧୁନିକ ସଭ୍ୟ ସମାଜପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । କିନ୍ତୁ ଗଣତନ୍ତ୍ରରେ ସାମ୍ବାଦିକମାନଙ୍କ ଉପରେ ପ୍ରତିଦିନ ଆକ୍ରମଣ ହେଉଥିବାର ଖବର ଇଲେକ୍ଟ୍ରୋନିକ୍ସ ମିଡିଆ ଓ ପ୍ରିଂଟ୍ ମିଡିଆ ଖବର କାଗଜରେ ପ୍ରକାଶିତ ହେଉଥିବାର ନଜରକୁ ଆସୁଛି । ଯାହାକି ଆଦୌ ଶୁଭଙ୍କର ନୁହେଁ । ସାମ୍ବାଦିକ ତଥା ସମ୍ବାଦପତ୍ର, ଚତୁର୍ଥସ୍ତମ୍ଭ ବୋଲାଉଥିବା ବେଳେ ତାଙ୍କୁ ଠିକ୍ ସୁରକ୍ଷା ଯୋଗାଇ ନଦିଆଯିବା ଦୁଃଖର ବିଷୟ । ସେମାନେ ହେଲେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ । ଦୁନିଆର ତଥା ସରକାର ଖବର ଯୋଗାଇବା ଜନସାଧାରଣଙ୍କୁ ସବୁଠାରୁ ବଡ କାମ । ପ୍ରତିଦିନ ପ୍ରତ୍ୟୁଷରେ ବ୍ୟକ୍ତିଟିଏ ଚାହିଁ ବସିଥାଏ ସମ୍ବାଦ ପତ୍ରର ପଥକୁ । କିନ୍ତୁ କେତେଜଣଙ୍କ ପାଇଁ ଅଡୁଆ ପାଲଟିଛି ସମ୍ବାଦପତ୍ରରେ ବାହାରୁଥିବା ଖବର ତଥା ସମ୍ବାଦ, ସେମାନେ ନିଜକୁ ନିୟନ୍ତ୍ରଣରେ ନରଖି ପାରି ଆକ୍ରମଣ କରିଥାନ୍ତି । ମରଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥାନ୍ତି ସାମ୍ବାଦିକଙ୍କ ଉପରେ । କିଛି ଦିନ ପୂର୍ବେ ଭାରତୀୟ ଫଟୋ ସାମ୍ବାଦିକଙ୍କୁ ଆଫଗାନ୍‌ରେ ତାଲିବାନ୍ ମାନେ ଗୁଳି କରି ମାରି ଦେବା ଘଟଣା ଏକ ଲଜ୍ଜାଜନକ ଓ ମାର୍ମିକ ଘଟଣା । ନିକଟ ଅତୀତରେ ଜଣେ ସାମ୍ବାଦିକଙ୍କୁ ପୋଲିସ୍ ଅଧିକାରୀ ମାଡ ମାରିବା ଘଟଣାରେ ସାମ୍ବାଦିକମାନେ ବିଧାୟକ ଏବଂ ମନ୍ତ୍ରୀଙ୍କୁ ଚାବି ପକାଇ ଦେଇଥିଲେ । ଲିଖିତ ପ୍ରତିଶ୍ରୁତି ଦେଲା ପରେ ବିଧାୟକମାନଙ୍କୁ ଛାଡିଲେ । ପ୍ରାୟ ପ୍ରତ୍ୟେକ ଦିନ ଏମିତି ଗୋଟିଏ ଦୁଇଟି ଘଟଣାମାନ ଘଟିଥିବା ସତ୍ୟ ଘଟଣା ପ୍ରକାଶ କରିବାରେ ବାଧା କେଉଁଠି ? କିନ୍ତୁ ଅସାମଜିକ ତଥା ଦୁର୍ନୀତି ଖୋର ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଉପରେ ଆଂଚ ଆସୁଥିବାରୁ ସେମାନେ ଆକ୍ରମଣାତ୍ମକ ମନୋଭାବ ରଖି ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ କରିଥାନ୍ତି । ଆଜିକାଲି ଏହା ନିତିଦିନିଆ ଘଟଣା ଘଟିବାକୁ ବସିଲାଣି । ସାମ୍ବାଦିକମାନେ ମଧ୍ୟ ନିରପେକ୍ଷ ସମ୍ବାଦ ପରିବେଷଣ କରିବାର ଆବଶ୍ୟକତା ରହିଛି । ଆକ୍ରୋଶମୂଳକ ମନୋଭାବ ରଖି କରି ଖବର ପରିବେଶଣ ନକରନ୍ତୁ । ସରକାରଙ୍କୁ ଅନୁରୋଧ ସାମ୍ବାଦିକ ମାନଙ୍କୁ ସୁରକ୍ଷା ଯୋଗାଇ ଦିଅନ୍ତୁ । ସରକାର ବର୍ତମାନର କରୋନା ଭଳି ସଂକଟ ସମୟରେ ସମ୍ମୁଖ ଯୋଦ୍ଧାର ମାନ୍ୟତା ସାମ୍ବାଦିକମାନଙ୍କୁ ଦେଇଛନ୍ତି । ସାମ୍ବାଦିକମାନେ ମଧ୍ୟ ସେମାନଙ୍କର କର୍ତବ୍ୟ ପାଳନ କରୁଛନ୍ତି । ଏମିତି କେତେକ କ୍ଷେତ୍ରରେ ବାଧା ଉପୁଜୁଛି । ମନେହୁଏ ସମ୍ବାଦପତ୍ର ପୃଷ୍ଠାରେ ଯେପରି ଚଳଚଂଚଳ ପୃଥିବୀର ନାଡି ସ୍ପନ୍ଦିତ ହେଉଛି ଏବଂ ଆଗ୍ରହି ପାଠକମାନେ ସେହି ସ୍ପନ୍ଦନ ମଧ୍ୟରେ ନିଜକୁ ହଜାଇ ଦେବାକୁ ବ୍ୟାକୁଳ । ରାତି ପାହୁ ପାହୁ ହୋଟେଲ, ଚା ଦୋକାନ ଠାରୁ ଆରମ୍ଭ କରି ମନ୍ତ୍ରୀ, ହାକିମ, ଅଧ୍ୟାପକ, ରାଷ୍ଟ୍ରନେତା, ଶିକ୍ଷକ, ରିକ୍ସାବାଲା ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବର କାଗଜ ଦେଖିବାକୁ ମିଳିଥାଏ । ଆଧୁନିକ ଗଣତାନ୍ତ୍ରୀକ ରାଷ୍ଟ୍ରରେ ସମ୍ବାଦପତ୍ର ହେଉଛି ଏକ ଶକ୍ତିଶାଳୀ ଗଣମାଧ୍ୟମ । କିନ୍ତୁ ଆଜିକାଲି ସୋସିଆଲ ମିଡିଆ ପ୍ରଚଳନ ଫଳରେ ସମ୍ବାଦପତ୍ରର ଚାହିଦା ଟିକେ କମିଯାଉଛି । କିନ୍ତୁ ସୋସିଆଲ ମିଡିଆରେ କେତେକ ସମ୍ବାଦ ଗୁଜବ ଆକାରରେ ପରିଚାଳନା କରାଯିବାର ଅଭିଯୋଗ ଆସୁଛି । ଲୋକମାନଙ୍କୁ ମଧ୍ୟ ସୋସିଆଲ ମିଡିଆର ପ୍ରଚାର ଗୁଡିକର ଭୟ ଘାରିଛି । ସୋସିଆଲ୍ ମିଡିଆର କେତେକ ଖବରରେ ଅତିରଂଜିତ କରାଯାଉଛି । ଏଣୁ ସମ୍ବାଦପତ୍ରର ଖବର କୁ ହିଁ ବାସ୍ତବ ଖବର ବୋଲି ବିବେଚିତ ହୋଇଥାଏ । କିନ୍ତୁ କିଛି ଖଳ ପ୍ରକୃତିର ଲୋକର ଶୀକାର ହୋଇଥାନ୍ତି କିଛି ସାମ୍ବାଦିକ । ସତ୍ୟ ଖବର ପ୍ରକାଶ ନିରପେକ୍ଷ ଖବର ପ୍ରକାଶ କରିବାକୁ ଆମର ସାମ୍ବାଦିକ ଭାଇମାନେ ସଂକଳ୍ପବଦ୍ଧ ହୁଅନ୍ତୁ ଯେତେ ବାଧା ବିଘ୍ନ ଆସିଲେ ବି ଖବର ପ୍ରକାଶରେ ପକ୍ଷପାତିତା ତଥା ମିଥ୍ୟା ଖବର ପ୍ରକାଶ ନକରିବାକୁ ଅନେକ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି । ଯଦିଓ କିଛି ଖଳ ପ୍ରକୃତିର ଲୋକର ଶୀକାର ହେବାକୁ ପଡେ ତେବେ ବି ନିଜ କର୍ମରୁ ବିଚ୍ୟୁତି ହେବାକଥା ନୁହଁ । ଆଜିକାଲି ସମସ୍ତ ସହର ତଥା ଗ୍ରାମାଚଂଳରେ ନକଲି ସାମ୍ବାଦିକ ମାନଙ୍କର ଦୌରାତ୍ମ୍ୟ ବଢିବାର ଲାଗିଛି । ଏହା ଦ୍ୱାରା ଅସଲି ସାମ୍ବାଦିକଙ୍କର ମାନ ହ୍ରାସ ପାଇବାରେ ଲାଗିଛି । ନକଲି ସାମ୍ବାଦିକ ସାଜି ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷକୁ ଫୋନ୍ କରି ଧମକ ଦେଇ ପଇସା ଆଦାୟ କରିବା ପନ୍ଥା ଧରିଛନ୍ତି । ନହେଲେ ସମ୍ବାଦ ସୋସିଆଲ ମିଡିଆରେ ପରିବେଷଣ କରିଦେବି ଅବା ଭାଇରାଲ କରିଦେବି ଧମକ ଦେଇ । ଏହା କେବଳ ସମ୍ବାଦ ପରିବେଷଣ କରିନଥାଏ, ଜନମତ ସୃଷ୍ଟି କରିବାରେ ମଧ୍ୟ ଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ସମ୍ବାଦପତ୍ର । ଦେଶ ବିଦେଶର ସାଂସ୍କୃତିକ, ସାମାଜିକ, ରାଜନୈତିକ ତଥା ବ୍ୟବସାୟିକ ତଥା କ୍ରୀଡା ସମାଚାର ପରିବେଷଣ କରିବା ସଙ୍ଗେ ସଙ୍ଗେ ଏହା ଜନସାଧାରଣଙ୍କର ଆପତି ଅଭିଯୋଗ, ମତାମତ, ସମୀକ୍ଷାମାନ ପ୍ରକାଶ ପାଇଥାଏ । ଜନମତ ପ୍ରକାଶ କରିବାରେ ଏହା ଏକ ଶ୍ରେଷ୍ଠ ମାଧ୍ୟମ ହୋଇଥିବାରୁ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ମତାମତ ପ୍ରତି ରାଜନୀତିକ ନେତୃବର୍ଗ ତଥା ସରକାରୀ ପଦାଧିକାରୀମାନେ ଯଥେଷ୍ଟ ଗୁରୁତ୍ୱ ଦେଇଥାଆନ୍ତି । ସମ୍ବାଦ ପତ୍ରରେ ସରକାରୀ ଆଇନକାନୁନ୍ ନୀତି ନିୟମ, ଚାକିରୀ ପାଇଁ ବିଜ୍ଞାପନ, ସରକାରୀ ନିର୍ଦ୍ଦେଶନାମା ସମ୍ପର୍କୀୟ ସୂଚନା ଏଥିରେ ପ୍ରକାଶ ପାଇଥାଏ । ସମ୍ବାଦପତ୍ର ଜନମତର ବଳିଷ୍ଠ ବାହକ ହୋଇଥିବାରୁ ରାଜନୀତିକ ଲୋକମାନେ ଏହାକୁ କରଗତ କରିବାକୁ ବା ଏହାର ଉପରେ ନିଜର ପ୍ରଭାବ ବିସ୍ତାର କରିବାକୁ ଅଗ୍ରାହ୍ୟ ହୋଇ ପଡିଥାଆନ୍ତି । ତେଣୁ ସେମାନେ କେତୋଟି ସମ୍ବାଦପତ୍ରରେ ପୃଷ୍ଠପୋଷକତା କରନ୍ତି । ତେଣୁ ସେମାନେ କେତୋଟି ସମ୍ବାଦ ପତ୍ରରେ ପୃଷ୍ଠପୋଷକତା କରନ୍ତି । ଏପରିକି ଦଳୀୟ ଭିତିରେ ସମ୍ବାଦପତ୍ର ପ୍ରକାଶ କରି ନିଜର ନୀତି ଆଦର୍ଶର ପ୍ରଚାର କରିଥାଆନ୍ତି । ଜନମତକୁ ନିଜ ସପକ୍ଷରେ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି । ସେଥିପାଇଁ ଦଳୀୟ ଭିତିରେ ନିଜନିଜର ଗୋଟିଏ ଲେଖାଏଁ ସମ୍ବାଦପତ୍ର ପ୍ରକାଶ କରିବା ଅତ୍ୟନ୍ତ ଜରୁରୀ ବୋଲି ମନେ କରୁଛନ୍ତି । ନିରପେକ୍ଷ ସମ୍ବାଦ ପରିବେଷଣ, ସତ୍ୟ ସମ୍ବାଦ ପରିବେଷଣ ହେଉଛି ଯେକୌଣସି ସମ୍ବାଦ ପତ୍ରର ମୌଳିକ ଧର୍ମ, ତଥାପି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ନିଜର ଲାଭ ପାଇଁ ଏହି ନୀତିନିୟମକୁ ଜାଣିଶୁଣି ଉଲଘଂନ କରୁଛନ୍ତି ସେମାନଙ୍କ ସ୍ୱାର୍ଥ ପାଇଁ । ସେଥିପାଇଁ କେବେ ବାଦାନୁବାଦ ଘଟେ ନାହିଁ ସମ୍ବାଦପତ୍ର ଉପରୁ ସାଧାରଣ ପାଠକମାନଙ୍କର ଆସ୍ଥା ଧିରେ ଧିରେ ତୁଟିବାକୁ ବସିଲାଣି । ଆଜିକାଲି ଛତୁ ଫୁଟିଲା ଭଳି ସମ୍ବାଦପତ୍ର ପ୍ରକାଶ ପାଇବାରେ ଲାଗିଛି । କିନ୍ତୁ ଉପର ଲିଖିତ ଧର୍ମକୁ ବେଖାତିର । ଠିକ୍ ଯାଗାରେ ଠିକ୍ ଲୋକ ନଥିବାରୁ ଏପରି ଘଟଣାମାନ ଘଟୁଛି ବୋଲି ବରିଷ୍ଠ ସାମ୍ବାଦିକମାନେ କ୍ଷୋଭ ପ୍ରକାଶ କରିଛନ୍ତି । କିଛି ନକଲି ସାମ୍ବାଦିକ ଗୋଟିଏ ଗୋଟିଏ ନକଲି ଖବରକାଗଜ ବିନା ସରକାରୀ ସ୍ୱୀକୃତିରେ ଠିକଣା ଠିକ୍ ନଥାଇ ଜ.ଘ.ଓ ନଥାଇ ମିଥ୍ୟା ନମ୍ବର ପକାଇ ପାକ୍ଷିକ, ସାପ୍ତହିକ ଓ ମାସିକ ଖବର କାଗଜ(ସବୁ ଖବର କାଗଜ ନୁହେଁ) ପ୍ରକାଶ କରି ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଚରିତ୍ର ସଂହାର କରି ନିଜ ନିଜର ସ୍ୱାର୍ଥ ହାସଲ କରିବାରେ ମାହିର । ସରକାରଙ୍କ ନକଲି ସାମ୍ବାଦିକ ଓ ନକଲି ସମ୍ବାଦପତ୍ର ଉପରେ କିଛି କତୃତ୍ୱ ରହୁନାହି ଯାହାଦ୍ୱାରା କି ଏପରି ଘଟଣା ସମାଜରେ ଦିନକୁ ଦିନ ବଢିଚାଲିଛି । କିନ୍ତୁ ଏମାନେ ସାମ୍ବାଦିକ ନହେଲେ ଗୋଟିଏ ସମ୍ବାଦ ପତ୍ରର ସମ୍ପାଦକ ବୋଲାଇଥାନ୍ତି । ତାହାରି ଫଳରେ ସମ୍ବାଦପତ୍ରର ମାନ ହାନି ଘଟୁଛି । ଏଥି ସକାଶେ ସାମ୍ବାଦିକ ସଂଘ ଓ ଲୋକସମ୍ପର୍କ ବିଭାଗର କଡା ନଜର ଦେବା କଥା । ସେମାନଙ୍କୁ ଆଇକାର୍ଡ ଇସ୍ୟୁ କରାଯିବା କଥା ନୁହଁ । ସରକାରଙ୍କର ଗୁଇନ୍ଦା ବିଭାଗର ସ୍ୱୀକୃତି ନେଇ ସରକାର ସେମାନଙ୍କୁ ସ୍ୱାସ୍ଥ୍ୟବୀମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା କଥା । ଭଲ ଭାବରେ ତନଖି କରିବା କଥା । ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା । ସାମ୍ବାଦିକମାନଙ୍କୁ ଯେଉଁମାନେ ଆକ୍ରମଣ କରୁଛନ୍ତି, ସେଇମାନଙ୍କ ଉପରେ ଦୃଢରୁ ଦୃଢତର କାର୍ଯ୍ୟାନୁଷ୍ଠାନ ଯେପରି ନିଆଯାଇପାରିବ, ସେଥିଲାଗି ଆଇନ ଆସିବା ଦରକାର । ଏହାକୁ କିପରି ରୋକାଯାଇପାରିବ, ସେଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଦିନକୁ ଦିନ ସାମ୍ବାଦିକମାନଙ୍କ ଉପରେ ଆକ୍ରମଣ ବଢିଚାଲିଛି । କେବଳ ଆମ ଦେଶରେ ନୁହେଁ ବିଦେଶରେ ମଧ୍ୟ ସାମ୍ବାଦିକ ମାନଙ୍କ ଉପରେ ଆକ୍ରମଣ ଜାରି ରହିଛି । ଏପରିକି ଜୀବନରୁ ବି ମାରି ଦେଉଛନ୍ତି । ଧମକ ମଧ୍ୟ ଦିଆଯାଉଛି । ଏ ସବୁ ବନ୍ଦ ହେବା ଦରକାର । ନହେଲେ ଚତୁର୍ଥ ସ୍ତମ୍ଭ ମାନ ଉପରେ ଆଂଚ ଆସିବ । ସରକାରଙ୍କର କୌଣସି ସୁବିଧା ସାମ୍ବାଦିକମାନଙ୍କୁ ଦେବା ପୂର୍ବରୁ ସେମାନଙ୍କର ଚରିତ୍ର, ଶିକ୍ଷାଗତ ଯେଗ୍ୟତା ବିଷୟରେ ଗୁଇନ୍ଦା ବିଭାଗଠାରୁ ରିପୋର୍ଟ ମଗାଇ ବିଚାର କରିବା କଥା ଏବଂ ସାମ୍ବାଦିକମାନଙ୍କର ଏକ ତାଲିକା ୱେବ୍‌ସାଇଟରେ ପ୍ରକାଶ କରିବା କଥା ତଦ୍ୱାରା ନକଲି ସାମ୍ବାଦିକମାନେ ସେମାନଙ୍କର ପ୍ରାଦୁର୍ଭାବ ସୃଷ୍ଟି କରିବାରେ ସକ୍ଷମ ହୋଇପାରିବେ ନାହିଁ । ସାମ୍ବାଦିକ ମାନଙ୍କର ଦେଶ ପ୍ରତି ଓ ସମାଜ ପ୍ରତି ଯେଉଁ ନୈତିକ ଦାୟିତ୍ୱ ରହିଛି, ତାହା ସମସ୍ତେ ହୃଦୟଙ୍ଗମ କରିବା ଉଚିତ । ସମ୍ବାଦ ସତ୍ୟ ହୋଇଥିଲେ ମଧ୍ୟ ଅଶ୍ଳୀଳ, ରୁଚିହୀନ, ଅମାର୍ଜିତ, ଅସାମାଜିକ(ସାମାଜିକ ଶିଷ୍ଟତା, ବିରୋଧୀ ସମ୍ବାଦ) ପରିବେଷଣ କରିବା ଅନୁଚିତ । ସମ୍ବାଦପତ୍ର ସରକାରୀ ନିୟନ୍ତ୍ରଣ ବାହାରେ ଏହା ସମ୍ପୂର୍ଣ୍ଣ ସ୍ୱାଧୀନ, ତାର ମାନେ ନୁହେଁ ନକଲି ସାମ୍ବାଦିକ ନକଲି ଖବର ପ୍ରକାଶ କରି ସମାଜର କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କର ଚରିତ୍ର ସଂହାର କରି ସାମ୍ବାଦିକତାରେ କଳଙ୍କ ସୃଷ୍ଟି କରିବା ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ- ନଂ.୯୪୩୭୯୯୪୩୭୯



# ମୋ ଗାଁ

## କୁନି କୁନି ମାନସିକଧାରୀମାନେ ନିଜ ପରିବାର ସହ ମନ୍ଦିର ବାହାରେ କଲେ ଜଳାଭିଷେକ



କେନ୍ଦୁଝର:(ପି.ଏନ୍.):ଆଜି ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବା ବେଳେ ଗତବର୍ଷ କରୋନାର ପ୍ରଥମ ଲହର ସମୟରେ ସରକାର ବୋଲବୋମ୍ ଯାତ୍ରା ଉପରେ କଟକଣା ଲାଗୁ କରିଥିଲେ । ଚଳିତ ବର୍ଷ କରୋନାର ଦ୍ୱିତୀୟ ଲହର ପ୍ରକୋପ କମୁଥିଲେ ମଧ୍ୟ ତୃତୀୟ ଲହରର ଆଶଙ୍କାକୁ ଦୃଷ୍ଟିରେ ରଖି ସରକାର ଚଳିତ ବର୍ଷ ଶ୍ରାବଣ ମାସରେ କାଉଡିଆଙ୍କ ଯାତ୍ରା ଉପରେ କଟକଣା ଜାରି କରିଛନ୍ତି । ଆନନ୍ଦପୁର ଉପଖଣ୍ଡର ଝାଡେଶ୍ୱର, ବାଲୁଙ୍କେଶ୍ୱର ଓ ଉତ୍ତରେଶ୍ୱର ଆଦି ପ୍ରାଚୀନ ଶୈବପୀଠ ଭିତରକୁ ଅନୁମତି ନଥିବାରୁ ସମସ୍ତ ମାନସିକଧାରୀମାନେ ମନ୍ଦିରର ମୁଖ୍ୟ ଦ୍ୱାର ବାହାରେ ଥିବା ଗୋକର୍ଷ ବଟ ମୂଳରେ ସ୍ଥାପିତ ମହାଦେବଙ୍କ ପାଖରେ କୋରନା କଟକଣାର ନିୟମ ପାଳନ ପୂର୍ବକ ଜଳାଭିଷେକ କରିଥିଲେ । ଜଳାଭିଷେକ କରିଥିବା କୁନି କୁନି ମାନସିକଧାରୀମାନେ ହେଲେ ଅଂଶୁମାନ ରାଉଳ, ଶ୍ରୀୟାଂଶ ଶେଖର ଦଳେଇ, ପ୍ରିୟାଂଶୁ ଶେଖର ଦଳେଇ, ବିତିଦା କ୍ଷେଣ୍ଣ ଆଦି ସପରିବାର ସହ ଝାଡେଶ୍ୱର ଶୈବପୀଠରେ ଜଳାଭିଷେକ କରିଥିଲେ ।

## ପାଇପ୍ ବିଛାଇବାକୁ ରାସ୍ତା ଖୋଳି ଠିକାଦାର ଛୁ

କେନ୍ଦୁଝର: ପାଇପ୍ ବିଛାଇବା ପାଇଁ ରାସ୍ତା ଖୋଳି ଦେଇ ଠିକାଦାରଙ୍କ ଆଉ ଦେଖା ଦର୍ଶନ ମିଳୁନାହିଁ । ଫଳରେ ମିଲ ସାହି ବାସିନ୍ଦା ହନ୍ତସନ୍ତ ହେଉଛନ୍ତି । ଆନନ୍ଦପୁର ପୌରାଞ୍ଚଳ ୧୬ନଂ ୱାର୍ଡର ଶୈଳଙ୍ଗ ମିଲସାହିରେ ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରୁଛନ୍ତି । ଏକ ସପ୍ତାହ ତଳେ ପାନୀୟ ଜଳଯୋଗାଣ ପାଇଁ ମେଗା ପ୍ରୋଜେକ୍ଟରେ ରାତିରେ ରାସ୍ତା ଖୋଳାଯାଇ ପାଇପ୍ ବିଛା ଯାଇଥିଲା । ପାଇପ୍ ବିଛାଇବା ପରେ ରାସ୍ତାକୁ ମେଟାଲିଂ କରାଯିବାକୁ ଠିକା ସଂସ୍ଥା ପକ୍ଷରୁ ଲୋକଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଠିକା ସଂସ୍ଥା ପାଇପ୍ ବିଛାଇ ଦେଇ ମାଟିକୁ ଉପରେ ଛାଡି ଦେଇ ପଳାଇ ଯାଇଛି ଯେ ଆଉ ଦେଖାଦର୍ଶନ ମିଳୁନାହିଁ । ରାସ୍ତା ଉପରେ ମାଟି ପଡିଥିବା ବେଳେ ପୂର୍ବରୁ ଥିବା ପାଇପ୍ ଲାଇନ୍ ଫାଟି ଯାଇଥିବାରୁ ପାଣି ଲିକ୍ ହୋଇ ରାସ୍ତା କାଦୁଅ ହେଉଥିବା ଅଭିଯୋଗ ହୋଇଛି । ରାସ୍ତାରେ ମାଟି କାଦୁଅ ସାଙ୍ଗକୁ ଆଣ୍ଠୁଏ ଖାଲ ହୋଇଥିବାରୁ ଇତି ମଧ୍ୟରେ ତିନୋଟି ଦୁର୍ଘଟଣାରେ ଲୋକମାନେ ଖଣ୍ଡିଆଖାବରା ହୋଇଥିବା ଜଣାପଡିଛି । ଏପଟେ ୨୦ନଂ ଜାତୀୟ ରାଜପଥରୁ ସାହିର ପ୍ରବେଶ ପଥରେ ଏଆରଏସ୍ଏସ୍ କମ୍ପାନୀ ପକ୍ଷରୁ ବିଲମାଟି ପକାଯାଇ ଥିବାରୁ ଲୋକମାନଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଛି । ବାରମ୍ବାର ଏଥିପ୍ରତି ଠିକା ସଂସ୍ଥାର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ କୌଣସି ପଦକ୍ଷେପ ନିଆଯାଉ ନଥିବା ନେଇ ସାହିର ବୃନ୍ଦାବନ କୁମାର ମାରାଣ୍ଡି, ମୋହନ ମାରାଣ୍ଡି, ନାରଣ କିସ୍କୁ, ମାନସ ମୁର୍ମୁ, ସୁନୀଲ କୁମାର ମାରାଣ୍ଡି, ଗୋପୀନାଥ ମାରାଣ୍ଡି, ଦୁର୍ଗା ମାରାଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି । ଆସନ୍ତା ଏକସପ୍ତାହ ମଧ୍ୟରେ ରାସ୍ତା ସମସ୍ୟାର ସମାଧାନ ନହେଲେ ସାହିର ସମସ୍ତ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଦାବୀ




କେନ୍ଦୁଝର:(ପି.ଏନ୍.): କେନ୍ଦୁଝର ଜିଲ୍ଲାରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପକ୍କା ଘର ମିଳୁଥିବାବେଳେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ମିଳୁନଥିବାରୁ ଅସନ୍ତୋଷ ବଢୁଛି । ଏଭଳି ଏକ ଅଭିଯୋଗ ଆସିଛି ତେଲକୋଇ ବ୍ଲକ ଅନ୍ତର୍ଗତ ସିରିଗିଡା ପଞ୍ଚାୟତରେ । ଏହି ପଞ୍ଚାୟତର ସିରିଗିଡା ଗ୍ରାମର ବହୁ ଲୋକ ଘର ଖଣ୍ଡିଏ ପାଇଁ ଦୀର୍ଘ ବର୍ଷ ହେଲା ପଞ୍ଚାୟତ ରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଧାଇଁ ଧାଇଁ ନୟାନ୍ତ ହୋଇଥିଲେ ହେଁ ସେମାନଙ୍କୁ ପକ୍କା ଘର ଖଣ୍ଡିଏ ମିଳି ପାରୁନାହିଁ । ଫଳରେ ଭଙ୍ଗା ଦରଦରା ଘରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି । ଅଭିଯୋଗ ଅନୁଯାୟୀ ୨୦୧୭ ମସିହାରୁ ୨୦୨୦ ପର୍ଯ୍ୟନ୍ତ ଆବାସ ଯୋଜନାରେ ତାଙ୍କ ନାମ ରହିଥିଲା । କିନ୍ତୁ ଏବେ ତାଙ୍କ ନାମ ଆବାସ ପ୍ଲସ ଲିଷ୍ଟରୁ ବାଦ ପଡିଥିବାରୁ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ସରପଞ୍ଚ , ବିଡିଓ ଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ୧୨ଜଣ ଲୋକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ବହୁ ଧନୀ ଲୋକ ଏବଂ ପୂର୍ବରୁ ପରିବାରର ଅନ୍ୟ ସଦସ୍ୟ ଘର ପାଇଥିବା ସତ୍ତ୍ୱେ ପୁଣି ଥରେ ଅନ୍ୟ ସଦସ୍ୟଙ୍କ ନାମରେ ଘର ଦିଆଯାଇଥିବା ଅଭିଯୋଗ କରିଛନ୍ତି । ଏହାର ତୁରନ୍ତ ତଦନ୍ତ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ କରି ଏମାନଙ୍କ ନାମ ଲିଷ୍ଟରେ ସାମିଲ କରିବା ପାଇଁ ଗୌରହରି ଦାସ,ଗାୟତ୍ରୀ ନାୟକ,କଳାକର ମହାନ୍ତ,ରଶ୍ମିତା ମହାନ୍ତ,ନିରାକର ମହାନ୍ତ,ବନିତା ନାୟକ,ଚମ୍ପା ମହାନ୍ତ,ମୁକ୍ତା ଦାସ,ଲକ୍ଷ୍ମୀ ମହାରଣା,ଶକୁନ୍ତଳା ନାୟକ,ପାର୍ବତୀ ନାୟକ,ବିନୋଦିନୀ ନାୟକ,ଥୁଳା ମହାକୁଡ,ରୀତା ନାୟକ,ଅହଲ୍ୟା ସାହୁ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି । ଏ ନେଇ ତେଲକୋଇ ବିଡିଓ ଦିଲ୍ଲୀପ ବାରା ଙ୍କ ସହ ଯୋଗାଯୋଗ କରିବାରୁ ୬ ହଜାର ୪ଶହ ହିତାଧିକାରୀଙ୍କ ନାମ ଆବାସ ପ୍ଲସ ରେ ପ୍ରକାଶ ପାଇଛି । ଏକ ଟିମ ଗଠନ କରାଯାଇ ଏହାର ଯାଞ୍ଚ କରାଯାଇ ଅଯୋଗ୍ୟଙ୍କ ନାମ କଟାଯିବା ପରେ ଫାଇନାଲ ଲିଷ୍ଟ ବାହାର କରାଯିବ ।

## ବାଙ୍ଗିରିପୋଷି-ଗୋରୁମହିଷାଣି ନୂତନ ରେଳପଥ ନିର୍ମାଣ ଦାବୀରେ ଅଗଷ୍ଟ ୨୭ ରୁ ଭଞ୍ଜସେନାର ପଦଯାତ୍ରା

ବାରିପଦା: ସର୍ଭେ କାର୍ଯ୍ୟ ଶେଷ ହୋଇଥିବା ବାଙ୍ଗିରିପୋଷି-ଗୋରୁମହିଷାଣି ୪୨ କି.ମି. ନୂତନ ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରେ କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ କ୍ରମାଗତ ଅହେତୁକ ବିଳମ୍ବ ତଥା ମୟୂରଭଞ୍ଜ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ପ୍ରତିବାଦରେ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଂଜସେନା ପକ୍ଷରୁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଯଥାଶୀଘ୍ର ଉକ୍ତ ନୂତନ ରେଳପଥ ନିର୍ମାଣ ପାଇଁ ଚଳିତ ଅଗଷ୍ଟ ୨୭ଠାରୁ ବାଙ୍ଗିରିପୋଷି ରେଲୱେ ଷ୍ଟେସନରୁ ପଦଯାତ୍ରା ଆରମ୍ଭ କରିବ ଏବଂ ସଡକ ପଥରେ ୬୨ କି.ମି. ଅତିକ୍ରମକରି ଗୋରୁମହିଷାଣିଠାରେ ଅଗଷ୍ଟ ୨୯ ରେ ଶେଷ ହେବ ବୋଲି ପୂର୍ବରୁ ସେନା ପକ୍ଷରୁ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧ରେ ଭଂଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନରେ ଜିଲ୍ଲାସ୍ତରୀୟ କର୍ମକର୍ତାଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ବସି ପଦଯାତ୍ରାର କାର୍ଯ୍ୟସୂଚୀ ବାବଦରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା । ବୈଠକରେ ସର୍ବସମ୍ମତି କ୍ରମେ ଜିଲ୍ଲା କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂଙ୍କୁ ପ୍ରତ୍ୟକ୍ଷ ଭାବେ ଏହି ପଦଯାତ୍ରାର ତତ୍ତ୍ୱାବଧାନ କାର୍ଯ୍ୟର ଦାୟିତ୍ୱ ପ୍ରଦାନ କରାଗଲା ।

## ଘଷିପୁରା ବ୍ଲକ ଶିକ୍ଷା ଅଧିକାରୀଙ୍କ ପଦବୀ ପୂରଣ କେବେ?

କେନ୍ଦୁଝର:କେନ୍ଦୁଝର ଜିଲ୍ଲାର ପ୍ରମୁଖ ବ୍ଲକ ଘଷିପୁରାରେ ଦୀର୍ଘଦିନ ଧରି ବିଇଓ ପଦବୀ ଖାଲି ପଡିଛି । ଘଷିପୁରା ବ୍ଲକରେ ଗତ ଏପ୍ରିଲ ୨୦୧୯ ମସିହାରେ ତତ୍କାଳୀନ ବିଇଓ ଗୋପାଳ ଚରଣ ପତି ଚାକିରୀରୁ ଅବସର ନେବା ପରେ ଅଦ୍ୟାବଧି ଜଣେ ନିୟମିତ ବିଇଓଙ୍କ ନିଯୁକ୍ତି ହୋଇପାରି ନାହିଁ । କିଛିଦିନ ହେଲା ଘଟଗାଁ ବ୍ଲକ ବିଇଓଙ୍କୁ ଅତିରିକ୍ତ ଦାୟୀତ୍ୱ ଦିଆଯାଇଥିବା ବେଳେ ୨୦୨୦ ମସିହା ମାର୍ଚ୍ଚ ମାସରେ ଜନୈକ ନିୟମିତ ବିଇଓ ନିଯୁକ୍ତି ହୋଇଥିଲେ । ମାତ୍ର ପରବର୍ତ୍ତି ସମୟରେ ପଦୋନ୍ନତି ପାଇ ଅନ୍ୟତ୍ର ନିଯୁକ୍ତି ପାଇଥିଲେ । ପରବର୍ତ୍ତି ସମୟରେ ସରକାର ସ୍ଥାୟୀ ଶିକ୍ଷାଧିକାରୀ ନିଯୁକ୍ତି ନକରି ପୂର୍ବତନ ଘଟଗାଁ ବିଇଓଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି । ଉକ୍ତ ଅଧିକାରୀ ଦୁଇଟି ବ୍ଲକ ଦାୟୀତ୍ୱରେ ଥିବାରୁ ଘଷିପୁରା ବ୍ଲକ କାର୍ଯ୍ୟ ପାଇଁ ସମୟ ଦେଉ ନାହାଁନ୍ତି ବୋଲି ଅଭିଯୋଗ ହେଉଛି ଏବଂ ଏହି ଅନୁପସ୍ଥିତିର ସୁଯୋଗ ନେଇ କେତେକ ଅସାଧୁ କର୍ମଚାରୀ ନିୟମିତ କାର୍ଯ୍ୟାଳୟକୁ ଆସୁ ନାହାଁନ୍ତି ଏବଂ ଆଉ କେତେକ ମନଇଛା କାର୍ଯ୍ୟାଳୟ ଛାଡି ପଳାଉଛନ୍ତି । କୋଭିଡ୍ ମହାମାରୀ ଯୋଗୁଁ ବିଦ୍ୟାଳୟ ଗୁଡିକ ଖୋଲୁ ନଥିବାରୁ ସରକାର ଅନ୍‌ଲାଇନ୍ ଶିକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ଫଳରେ ବିଇଓଙ୍କ ଅନୁପସ୍ଥିତି ଯୋଗୁଁ ବିଦ୍ୟାଳୟ ଗୁଡିକର ସଠିକ୍ ପରିଚାଳନା ହୋଇପାରୁ ନାହିଁ । ଫଳରେ ଆନନ୍ଦପୁର ଉପଖଣ୍ଡରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି ।

## ଭଦ୍ରକ ଜିଲା ମେଡିଆ ଆସୋସିଏସନର ବନ୍ଧୁମିଳନ ଓ ଆଲୋଚନାଚକ୍ର

ଭଦ୍ରକ: ଗଣମାଧ୍ୟମ ପ୍ରତିନିଧିମାନେ ବହୁମୁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଛନ୍ତି । ପ୍ରତ୍ୟେକ ମୁହୂର୍ତରେ ସେମାନଙ୍କ ମୁଣ୍ଡ ଉପରେ ବିପଦ ରହିଛି । କରୋନା ସମୟରେ ନିଜର ଜବୀନକୁ ପାଣି ଛଡ଼ାଇ ସରକାରଙ୍କ ସମସ୍ତ ପଦକ୍ଷେପ ଲୋକମାନଙ୍କ ନିକଟରେ ପହଂଚାଇବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବାରେ ସେମାନେ ସକ୍ଷମ ହୋଇଛନ୍ତି । ଏହି ସମୟରେ କେତେକ ସାମ୍ବାଦିକଙ୍କ ବହୁମୂଲ୍ୟ ଜୀବନ ମଧ୍ୟ ଚାଲିଯାଇଛି । ସରକାରଙ୍କ କ୍ଷତିପୂରଣ ରାଶୀ ଏହି ଶୂନ୍ୟସ୍ଥାନକୁ ପୂରଣ କରି ପାରିବ ନାହିଁ । ସେହିପରି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଉପରେ କ୍ରମାଗତ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ସାମାଜିକ ସୁରକ୍ଷା ବୋଲି କିଛି ନାହିଁ । ସରକାର ବୀମା ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ଯଥେଷ୍ଟ ନୁହେଁ । ବିଭିନ୍ନ ବର୍ଗର ଲୋକଙ୍କୁ ସରକାର ଭତା ପ୍ରଦାନ କରୁଛନ୍ତି । ବିଭିନ୍ନ ରାଜ୍ୟରେ ବେତନ ବ୍ୟବସ୍ଥା କରିବା କରିବା ସହ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ପ୍ରତିନିଧିମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ବିଲ ଆଣିଛନ୍ତି । କିନ୍ତୁ ଆମ ରାଜ୍ୟରେ ଏହି ପ୍ରସ୍ତାବିତ ବିଲ୍ କେବେ ଲାଗୁ ହେବ ତାହାର କୌଣସି ନିଶ୍ଚିତତା ନାହିଁ । ତେଣୁ ଗଣମାଧ୍ୟମର ପ୍ରତିନିଧିମାନେ ଦାୟିତ୍ୱ ସମ୍ପର୍ଣ୍ଣ ହୋଇ ନିଜ ସୁରକ୍ଷାର ବ୍ୟବସ୍ଥା ନିଜେ କରିବା ଦରକାର ବୋଲି ଭଦ୍ରକ ଜିଲ୍ଲା ମେଡିଆ ଆସୋସିଏସନର ବନ୍ଧୁମିଳନ ଓ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି । ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱ ଓ ମେଡିଆ ଆସୋସିଏସନର ସଭାପତି ମହେଶ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସରକାରୀ ଓକିଲ ରୋ. ଅତିଶ କୁମାର ବେହେରା, ଜ୍ଞାନ ପ୍ରକାଶ ପାଣୀ, ନରେନ୍ଦ୍ର ସାମଲ, ତପନ କୁମାର ମିଶ୍ର, ଚାରୁଦତ ନାୟକ, ତପନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଥମେ ରାଜେଶ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଶୁଭଦ୍ୱୀପ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଥସାରଥୀ ନାୟକ, ଜଗବନ୍ଧୁ ବେହେରା, ଅବିନାଶ ପଣ୍ଡା, ରମେଶ ପାଗଲ, ସଂଜୟ ଦାସ, ଲାଲା ପ୍ରମୋଦ ରାୟ, ଶାନ୍ତନୁ ପଣ୍ଡା, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ, କମଳଲୋଚନ ପଣ୍ଡା, ଦେବେନ୍ଦ୍ର ନାୟକ, କେଦାର ନାଥ ତ୍ରିପାଠୀ, ସାହିଦ କାଦ୍ରୀ, ଶ୍ରୀକାନ୍ତ ଦାସଙ୍କ ସମେତ ବହୁ ଯୁବ ସାମ୍ବାଦିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଦ୍ରକ ଓଡିଶା ସ୍କୁଲ କଲେଜ ମିଳିତ ମଂଚର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ: ଭଦ୍ରକ ଓଷ୍ଟା ଅଫିସ ଠାରେ ଓଡିଶା ସ୍କୁଲ କଲେଜ ମିଳିତ ମ ର ବୈଠକ ଓଷ୍ଟା ଜିଲ୍ଲା ସଭାପତି ରମାକାନ୍ତ ପରିଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ମହାମାରୀ କରୋନାରେ ଜୀବନ ହରାଇ ଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନିରବତା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଂପାଦକ ପ୍ରଦିପ୍ତ ଦାସ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଆଗାମୀ ଅଗଷ୍ଟ ୯ତାରିଖ କ୍ରାନ୍ତିଦିବସ ଠାରୁ ଭଦ୍ରକ ଜିଲ୍ଲାରେ ଶିକ୍ଷକ ଓ ଅଧ୍ୟାପକ ମାନେ ମିଳିତ ଭାବରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ହୋଇଛି । ଅଗଷ୍ଟ ୯ହେଉଛି ଇତିହାସ ର ଏକ ମାଇଲ ଖୁଂଟ । ସେ ଦିନ ହେଉଛି କ୍ରାନ୍ତୀ ଦିବସ ଏହି ଦିବସ ଠାରୁ ସରକାର ଙ୍କର ତୃଟିପୂର୍ଣ୍ଣ ଶିକ୍ଷାନୀତି ବିରୁଦ୍ଧରେ ମିଳିତ ଭାବରେ ଆନ୍ଦୋଳନ କରିବାପାଇଁ ଆହ୍ୱାନ ଦିଆଗଲା । ଏଥିସହିତ ପ୍ରମୁଖ ଦାବୀ ଯଥା- ୧୭୭ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜକୁ ଅବିକଳ ସପ୍ତମ ବେତନ ପ୍ରଦାନ କରିବା, ଚାକିରୀ ସର୍ତାବଳୀ ପ୍ରଦାନ କରିବା, ପେନସନ ପ୍ରଦାନ କରିବା, ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବା । ଏହି ଦାବିନେଇ ଆସନ୍ତା ଅଗଷ୍ଟ ୯ତାରିଖ କ୍ରାନ୍ତିଦିବସ ଅବସରରେ ଜିଲ୍ଲାପାଳଙ୍କ ଜରିଆରେ ଓଡିଶା ସ୍କୁଲ କଲେଜ ମିଳିତ ମଂଚ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ସରକାର କୌଣସି ପଦକ୍ଷେପ ନନେଲେ ଆଗାମି ଅଗଷ୍ଟ ୧୬ତାରିଖ ଦାବି ଦିବସରେ ମିଳିତ ମଂଚ ତରଫରୁ ଭୁବନେଶ୍ୱରରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା । ଓଷ୍ଟା ରାଜ୍ୟ ସଂପାଦିକା ସୁରଜିତା ନାୟକ, ଅକ୍ଷୟ ହୋତା, ପ୍ରଦୀପ୍ତ ଦାସ, ମନୋରଂଜନ ପଣ୍ଡା, ୬୬୨ କଲେଜ ସଂଘର ଆଦିତ୍ୟ ଜେନା, ଲକ୍ଷ୍ମୀଧର ନାୟକ, ମଦ୍ରାସା ସଂଘର ଶେଖ ରାଜା, ଅଫତାବ ଆଲାମ, ଅଲଓଷ୍ଟା- ଅଶୋକ ରାଉତ, ଉପେନ୍ଦ୍ର ବିଶ୍ୱାଳ, ବଂଶୀଧର ପାଣିଗ୍ରାହୀ, ବିରଂଚି ସାମଲ, ସାହା ମୂର୍ତି ପ୍ରମୁଖ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଶିକ୍ଷକ ସଂଘର ସ୍ୱାଗତ

କେନ୍ଦୁଝର: ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ସମୟକୁ ହ୍ରାସ କରାଯାଇ ଥିବାରୁ ଆନନ୍ଦପୁରରେ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଲେଭଲ ବି ରେ ଥିବା ଶିକ୍ଷକଙ୍କ ପାଇଁ ରେସିଡେନ୍ସି ସମୟକୁ ଏକବର୍ଷରୁ ଛଅ ମାସକୁ ହ୍ରାସ କରାଯାଇଥିବା ବେଳେ ଲେଭଲ ୪ରୁ ଲେଭଲ ୩କୁ ପଦୋନ୍ନତି ପାଇଁ ରେସିଡେନ୍ସି ପିରିଅଡ୍ ୨ବର୍ଷରୁ ଏକବର୍ଷକୁ କୋହଳ କରାଯିବା ସହିତ ତୁରନ୍ତ ଏହାକୁ ଲାଗୁ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାରୁ ଅନେକ ପ୍ରାଥମିକ ଶିକ୍ଷକ ଉପକୃତ ହେବେ ବୋଲି ଆନନ୍ଦପୁର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଶିକ୍ଷାମନ୍ତ୍ରୀ ସମୀର ରନ ଦାସ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡରେସନ୍ ସଭାପତି ହୃଦାନନ୍ଦ ଦ୍ୱିବେଦୀ, ମହାସଚିବ ଅମିୟ କୁମାର ଦାସଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି । କେନ୍ଦୁଝର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅତୁଲ କୁମାର ବଳ, ସାଧାରଣ ସମ୍ପାଦକ ମକୁନ୍ଦ ଚରଣ ସାହୁ, ଆନନ୍ଦପୁର ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ମଦନମୋହନ ମୁଦୁଲି, ଉପସଭାପତି ରଜତ କୁମାର ଦତ୍ତ, ସ୍ମିତାରାଣୀ ଜେନା, ସହ ସମ୍ପାଦକ ବସନ୍ତ କୁମାର ମିଶ୍ର, ମଧୁସୂଦନ ବେହେରା, ଶ୍ୟାମସୁନ୍ଦର ସାହୁ,କୋଷାଧ୍ୟକ୍ଷ ଚିନ୍ତାମଣି ବେହେରା, ସଂଯୋଜକ ବୁଦ୍ଧଦେବ ନାୟକ, ଶିକ୍ଷକ ଚିତ୍ତରନ ଘଡେଇ, ସୌମ୍ୟ ରଂଜନ ପତି, ବିଶ୍ୱଜିତ ନାୟକ,କଳ୍ପନା ନାୟକ, ଜ୍ୟୋସ୍ନାମୟୀନାୟକ, ଅନ୍ନପୂର୍ଣ୍ଣା ନାହାକ, ନିରନସାହୁ, ସୁବାଷ ଚନ୍ଦ୍ର ଖଡୁଆ, ନରହରି ବେହେରା, ପ୍ରଭନ ପାଢୀ ପ୍ରମୁଖ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ।

## ମୃତକଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା

କେନ୍ଦୁଝର: ସମଣା ପଂଚାୟତରେ ପ୍ରାୟ ଶହେରୁ ଅଧିକ ମୃତ ବ୍ୟକ୍ତିଙ୍କ ନାମରେ ଉଠୁଛି ଭତ୍ତା ଟଙ୍କା । ଏପରି ଏକ ଅଭିଯୋଗ ଆଣିଛନ୍ତି ଉକ୍ତ ପଂଚାୟତର କୋଇଲି ନାୟକ(୬୨) । ତାଙ୍କ ସ୍ୱାମୀ ସାଉଁଟି ନାୟକ ଦୁଇବର୍ଷ ହେବ ମୃତ୍ୟୁବରଣ କରିଛନ୍ତି । କୋଇଲି ନାୟକଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସେ ଭତ୍ତା ପାଇଁ ଆବେଦନ କରିଥିଲେ । ଏଥିପାଇଁ ସେ ବହୁବାର କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ । କୌଣସି ସୁଫଳ ନମିଳିବାରୁ ବାଧ୍ୟ ହୋଇ ନିରବ ରହିଥିଲେ । କୋଇଲିଙ୍କୁ ସ୍ଥାନୀୟ ଜିଆରଏସ୍ ଭତ୍ତା ବାବଦକୁ ଦୁଇ ହଜାର ଟଙ୍କା ପ୍ରଦାନ କରିଥିଲେ । ଦୁଇବର୍ଷ ତଳୁ ଆବେଦନ କରିଥିବା ଭତ୍ତା ଫର୍ମ ବାବଦକୁ ଦୁଇହଜାର ଟଙ୍କା ଦେବା ବୃଦ୍ଧା କୋଇଲିଙ୍କ ମନରେ ସନ୍ଦେହ ଆସିଥିଲା । ଗ୍ରାମବାସୀଙ୍କ ମିଳିତ ସହଯୋଗରେ ନନ୍ଦପୁର ଉପଜିଲ୍ଲାପାଳଙ୍କ ନିକଟରେ ତଦନ୍ତ ଅଭିଯୋଗ ମଧ୍ୟ କରିଥିଲେ । ପରେ ଗ୍ରାମବାସୀ ପିଡିଏଫ୍ ଫାଇଲ୍ ଅନୁକରଣରେ ଶହେରୁ ଅଧିକ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଥିବା ପ୍ରମାଣ ପାଇଥିଲେ । ଏଥିପାଇଁ ଗ୍ରାମବାସୀମାନେ ଭିଜିଲାନ୍ସ ତଦନ୍ତ ପାଇଁ ଆବେଦନ ମଧ୍ୟ କରିଥିଲେ ।

## ଓଏମ୍‌ସି ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧାରେ ଉନ୍ନତି ପାଇଁ ଆମ୍ବୁଲାନ୍ସ ଲୋକାର୍ପିତ



କେନ୍ଦୁଝର:(ପି.ଏନ୍.):ବାଂଶାପାଳ ବ୍ଲକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣି ପକ୍ଷରୁ ସୋମବାର ଦିନ ଖଣି ପାରିପାର୍ଶିକ ଗାଁ ଲୋକଙ୍କ ପାଇଁ ନୂତନ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି । ମୁଖ୍ୟ ଅତିଥିଭାବେ ଓଏମ୍‌ସି ର ଡିଜିଏମ୍ ଇଲେକ୍ଟ୍ରିକାଲ ରଶ୍ମୀରନ ପରିଡା ନୂତନ ଆମ୍ବୁଲାନ୍ସ ଲୋକାର୍ପଣ କରିଛନ୍ତି । ଓଏମ୍‌ସି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପରିଡା ଆମ୍ବୁଲାନ୍ସ ଲୋକାର୍ପଣ କରି ଏହା ଦ୍ୱାରା ଖଣି ପାରିପାର୍ଶିକ ଶୁଆକାଟୀ,ତଳକଇଁସାରୀ ଏବଂ କୁମୁଣ୍ଡି ପଞ୍ଚାୟତବାସୀଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି । ଆମ୍ବୁଲାନ୍ସରେ ବେସିକ ଲାଇଫ୍ ସେଭିଂ ବ୍ୟବସ୍ଥା ରହିଛି ଯେଉଁଥିରେ ଭେଣ୍ଟିଲେଟର ଓ ଅକ୍ସିଜେନ ସପୋର୍ଟ ଉପଲବ୍ଧ ଅଛି । ଏହି ଆମ୍ବୁଲାନ୍ସ ମାଧ୍ୟମରେ ରୋଗୀମାନଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇ ଦିଆଯାଇପାରିବ । ଡାକ୍ତରଙ୍କ ପରାମର୍ଶକ୍ରମେ ଗୁରୁତର ରୋଗୀଙ୍କୁ ଏହି ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ଅନ୍ୟତମ ଅତିଥି ସିନିୟର ମ୍ୟାନେଜର ମାଇନିଂ ଜ୍ଞାନରନ ଜେନା କହିଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସାବିତ୍ରୀବାଳା ମୁଣ୍ଡା,କୁମୁଣ୍ଡି ସରପଞ୍ଚ ସୁକାନ୍ତି ଦେହୁରୀ,ତଳକଇଁସାରୀ ସରପଞ୍ଚ ଚୈତନ୍ୟ ମଲ୍ଲିକ,ସିଏସଆର ଅଫିସର ଶକ୍ତି ରନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ଆମ୍ବୁଲାନ୍ସ ସାଧାରଣ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

## ଶାଳପଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ନାମରେ ଥାନାରେ ଏତଲା ଦାଖଲ

କେନ୍ଦୁଝର: ଶାଳପଡା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲଙ୍କ ନାମରେ ସ୍ଥାନୀୟ ଶାଳପଡା ନିବାସୀ କୃଷ୍ଣଚନ୍ଦ୍ର ବେଜ୍ ଘଷିପୁରା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ଅଭିଯୋଗକାରୀଙ୍କ ସୂଚନା ଅନୁଯାୟୀ କୃଷ୍ଣଚନ୍ଦ୍ର ବେଜ ୧୯୯୨ ମସିହା ଠାରୁ ଶାଳପଡାରେ ବସବାସ କରି ନିଜର କୌଳିକ ବୃତ୍ତି କରି ପରିବାରର ଭରଣପୋଷଣ କରିଆସୁଛନ୍ତି । ମାତ୍ର ବିଭିନ୍ନ ସମୟରେ ଉକ୍ତ ସ୍କୁଲର ଅଧ୍ୟକ୍ଷ ଶ୍ରୀ ସାମଲ କୃଷ୍ଣଚନ୍ଦ୍ର ରହୁଥିବା ଘର ଏବଂ ଲଗାଇ ଥିବା ଗଛଲତା ତାଙ୍କର ବୋଲି କହି ଖରାପ ବ୍ୟବହାର ପ୍ରଦର୍ଶନ କରି ଆସୁଛନ୍ତି ଏବଂ ଖୁବ୍‌ଶୀଘ୍ର ଏ ଜାଗା ଛାଡି ଚାଲି ଯିବାକୁ ଧମକ ଦେଇଥାନ୍ତି । ଗତ ତା-୨୯.୦୭.୨୦୨୧ରିଖ ଦିବା ୧୨ଘଟିକା ସମୟରେ କୃଷ୍ଣଚନ୍ଦ୍ର ନିଜ ଘରକୁ ଫେରିବା ବାଟରେ ବିଦ୍ୟାଳୟର ଅଧ୍ୟକ୍ଷ ଓ ତାଙ୍କ ସାଥିରେ ଥିବା ଅନ୍ୟ ୪ଜଣ ବିଦ୍ୟାଳୟ ସମ୍ମୁଖରେ ଅଟକାଇ ପୂର୍ବ ଭଳି ଖରାପ ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଚମକ ଦେଇଥିଲେ । ଏଥିରେ ଭୟଭୀତ ହୋଇ କୃଷ୍ଣଚନ୍ଦ୍ର ବେଜ ସ୍ଥାନୀୟ ଘଷିପୁରା ଥାନାରେ ଏକ ମାମଲା ରୁଜୁ କରିଛନ୍ତି । ସୂଚନାଯୋଗ୍ୟ ଯେ ନିକଟରେ ବିଦ୍ୟାଳୟ ଦ୍ୱାରା କବ୍‌ଜା କରାଯାଇଥିବା ଜମି ସୀମା ନିର୍ଦ୍ଧାରଣକୁ ନେଇ ସ୍ଥାନୀୟ ଜନସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ସମାଜସେବୀ ଶମ୍ଭୁନାଥ ରାଉତ ଏବଂ ମା'ଧନେଇ ସେବା ସଂଘର ସଭାପତି ବିଷ୍ଣୁ ଚରଣ ବାରିକଙ୍କ ଦାବିକୁ ନେଇ ଉପଜିଲ୍ଲାପାଳ ଓ ଅତିରିକ୍ତ ତହସିଲଦାରଙ୍କ ସରଜମିନ୍ ତଦନ୍ତ କରାଯାଇଥିଲା । ଏପରି ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।

## ସାମସଙ୍ଗର ନୂଆ "ବ୍ୟାକ ଟୁ ବିଜ୍‌ନେସ୍ ସଲ୍ୟୁସନ"



ଭୁବନେଶ୍ୱର: ସାମସଙ୍ଗ ପକ୍ଷରୁ ରିଟେଲ ଓ କମର୍ସିଆଲ ସଂସ୍ଥାଗୁଡ଼ିକ ପାଇଁ "ବ୍ୟାକ୍ ଟୁ ବିଜନେସ" ସଲ୍ୟୁସନର ଶୁଭାରମ୍ଭ କରାଯାଇଛି । ଏହି ନୂତନ ସମାଧାନରେ ଆଉଟଡୋର ଡିସପ୍ଲେ ଓ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଅନ୍ତର୍ଭୁକ୍ତ, ଯାହା ସାହାଯ୍ୟରେ ବ୍ୟବସାୟୀମାନେ ନିଜର ସ୍ୱାଭାବିକ କାର୍ଯ୍ୟକୁ ପୁଣିଥରେ ସୁରକ୍ଷିତ ଭାବରେ ଆରମ୍ଭ କରିପାରିବେ । ଏହା ସହିତ ସୁରକ୍ଷାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହିତ କାର୍ଯ୍ୟ ସ୍ଥଳରେ ଦୂରେ ବସି କାର୍ଯ୍ୟ କରିବା ଆବଶ୍ୟକତାକୁ ପୂରଣ କରାଯାଇପାରିବ । ଏହି ନୂତନ ରେଂଜର ଆଉଟଡୋର ଡିସପ୍ଲେ ଓ ସାଇନେଜ ବୋର୍ଡକୁ ବ୍ୟବସାୟୀଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ । ଏହା ସହାୟତାରେ ଜନଗହଳି ଅନୁଧ୍ୟାନ, ଶରୀର ତାପମାତ୍ରା ଯାଂଚ ଓ ମାସ୍କ ଚିହ୍ନଟ ତଥା ସେହି ଦିନର ଅଫରକୁ ଓ କର୍ପୋରେଟ ମେସେଜକୁ ଉପସ୍ଥାପିତ କରାଯାଇପାରିବ । ଏହା ସାମାଜିକ ଦୂରତାର ସମସ୍ତ ନିୟମଗୁଡ଼ିକୁ ପାଳନ କରାଯାଉଛି ନା ନାହିଁ ତାହା ସୁନିଶ୍ଚିତ କରିଥାଏ । ବାଧାହୀନ ଅନ୍‌ଲାଇନ ବାର୍ତାଳାପ ଓ ଯେକୌଣସି ସ୍ଥାନରୁ ଦକ୍ଷତା ଓ ସହଜରେ କାର୍ଯ୍ୟ କରିବାକୁ ସୁନିଶ୍ଚିତ କରିବା ଲାଗି ମିଟିଙ୍ଗ ରୁମ ଏବଂ ଭିଡିଓ କନଫରେନ୍ସିଙ୍ଗ ସମାଧାନ ଯୋଗାଇଦେବା ପାଇଁ ସାମସଙ୍ଗ, ସିସ୍କୋ ୱେବେକ୍ସ ଓ ଲଜିଟେକ୍ ସହିତ ହାତ ମିଳାଇଛି । ଏହା ସାହାଯ୍ୟରେ ଦୂରରେ ବସି କାମ କରିବାର ଆବଶ୍ୟକତାକୁ ଦେଖି ସାମସଙ୍ଗର ବେଜୋଡ଼ ଭିଜୁଆଲ ଡିସପ୍ଲେ ଏବଂ ଉନ୍ନତ ଭିଡିଓ କନଫରେନ୍ସିଙ୍ଗ କୁ ଏକତ୍ର ଅଣାଯାଇଛି । ଏହି ସହବନ୍ଧିତା ସିସ୍କୋ ୱେବେକ୍ସ ଏବଂ ଲଜିଟେକ୍ ଦ୍ୱାରା ପ୍ରସ୍ତୁତ ଭିଡିଓ କନଫରେନ୍ସିଙ୍ଗ ସମାଧାନଗୁଡ଼ିକର ବିସ୍ତୃତ ରେଂଜ ସହିତ ଡିଜିଟାଲ ସାଇନ୍‌ଏଜ୍ ଏବଂ ଡେସ୍କଟପ୍ ମନିଟର ସମେତ ଶିଳ୍ପର ସବୁଠାରୁ ବ୍ୟାପକ ଡିସପ୍ଲେ ଶୃଙ୍ଖଳକୁ ଏକତ୍ର ନେଇଆସିଛି । ସାମସଙ୍ଗର ୨୦୨୦ ଡିସପ୍ଲେ ଶୃଙ୍ଖଳର ସମ୍ପୂର୍ଣ୍ଣ ରେଞ୍ଜରେ ଏହି ସମାଧାନଗୁଡ଼ିକ ବ୍ୟବହାର କରାଯାଇପାରିବ । "ବର୍ତମାନ ସମୟରେ ପରିବର୍ତିତ ବ୍ୟବସାୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ନୂତନ ସମାଧାନକୁ ଏଭଳି ଭାବରେ ଡିଜାଇନ କରାଯାଇଛି ଯାହା ଉତ୍ପାଦକତା ବୃଦ୍ଧି କରିବ, ସହଯୋଗ ବୃଦ୍ଧି କରିବା ସହିତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକୁ ସେମାନଙ୍କ ଗ୍ରାହକଙ୍କ ସହିତ ଉପଯୁକ୍ତ ସତର୍କତା ସହିତ ସଂଯୁକ୍ତ ହୋଇପାରିବେ।" ବୋଲି ସାମସଙ୍ଗ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଏଂଟରପ୍ରାଇଜ ବିଜନେସର ଉପାଧ୍ୟକ୍ଷ ଶ୍ରୀ ପୁନିତ ସେଠ କହିଛନ୍ତି ।




# ସେକ୍ସ ଓ ବ୍ରେନ୍

ଦାମ୍ପତ୍ୟ ଜୀବନକୁ ସୁଖମୟ କରିବା ଏବଂ ଦମ୍ପତିଙ୍କୁ ସୁସ୍ଥ ରଖିବାରେ ସେକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେକ୍ସ କେବଳ ଅଙ୍ଗପ୍ରତ୍ୟଙ୍ଗକୁ ସୁସ୍ଥ ସବଳ ରଖିବାରେ ସହାୟକ ହୋଇଥାଏ ତାହା ନୁହେଁ ବରଂ ଏହା ମସ୍ତିଷ୍କକୁ ସକ୍ରିୟ ରଖେ। ଏ ସମ୍ପର୍କରେ ହୋଇଥିବା ଗବେଷଣାରୁ କ'ଣ ଜଣାପଡ଼ିଛି, ଆସନ୍ତୁ ଜାଣିବା.....। **ମୁଣ୍ଡବ୍ୟଥା :** ବିଭିନ୍ନ କାର୍ଯ୍ୟ କରି କ୍ଳାନ୍ତ ହୋଇପଡ଼ିଛନ୍ତି। ଚିନ୍ତା ଓ କାର୍ଯ୍ୟବ୍ୟସ୍ତ ଯୋଗୁଁ ଯଦି ମୁଣ୍ଡବ୍ୟଥା ହେଉଥାଏ, ତେବେ ସେକ୍ସ ମଧ୍ୟ ଏହି ଯନ୍ତ୍ରଣା ଦୂର କରିପାରେ। ଗବେଷକମାନେ ଏହା ଉପରେ ଗବେଷଣା କରିଥିଲେ। ୬୦ ପ୍ରତିଶତ ଦମ୍ପତି ଯେଉଁମାନଙ୍କର ମାଇଗ୍ରେନ୍ ସମସ୍ୟା ଥିଲାଓ ୩୦ ପ୍ରତିଶତ ଲୋକ ଯେଉଁମାନଙ୍କ ପ୍ରବଳ ମୁଣ୍ଡବ୍ୟଥା ହେଉଥିଲା, ସେମାନେ ହିଁ ଗବେଷଣାରେ ସାମିଲ ହୋଇଥିଲେ। ମୁଣ୍ଡବ୍ୟଥା ସମୟରେ ଉକ୍ତ ଦମ୍ପତିଙ୍କୁ ଯୌନକ୍ରିୟାରେ ଲିପ୍ତ ରହିବାକୁ ପରାମର୍ଶ ଦିଆଯାଇଥିଲା। ଦେଖାଯାଇଥିଲା ସେକ୍ସ ପରେ ସେମାନେ ମୁଣ୍ଡବ୍ୟଥାରୁ ମୁକ୍ତି ପାଇଛନ୍ତି। **ଗାଢ଼ ନିଦ୍ରା ଆଣେ :** ଶରୀରରୁ କ୍ଳାନ୍ତି ଦୂର କରି ଗାଢ଼ ନିଦ୍ରା ଆଣିବାରେ ମଧ୍ୟ ସେକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀରରେ ହେଉଥିବା ଯନ୍ତ୍ରଣା ସେକ୍ସ ଦ୍ୱାରା ଦୂର ହୋଇ ଆରାମ ମିଳିଥାଏ, ଚିନ୍ତା ଦୂର ହୋଇ ଶାନ୍ତି ମିଳିଥାଏ। ବିଶେଷ କରି ମସ୍ତିଷ୍କ ଚିନ୍ତା ଶୂନ୍ୟ ହୋଇଥିବାରୁ ଦମ୍ପତି ଗାଢ଼ ନିଦ୍ରାରେ ଶୋଇପାରନ୍ତି। ଫଳରେ ସେମାନେ ସୁସ୍ଥ ରହନ୍ତି। **ଡୋପାମାଇନ୍ :** ସେକ୍ସ ମନରେ ସକରାତ୍ମକ ପ୍ରଭାବ ପକାଏ। ଏହା ଚିନ୍ତା ଓ କ୍ଳାନ୍ତିରୁ ମୁକ୍ତି ଦିଏ। ସେକ୍ସ ସମୟରେ ଡୋପାମାଇନ୍ ନାମକ ହର୍ମୋନ ନିର୍ଗତ ହୋଇଥାଏ। ଏହାକୁ ମଧ୍ୟ ନ୍ୟୁରୋଟ୍ରାନସ୍‌ମିଟର କୁହାଯାଏ। ଏହା ମସ୍ତିଷ୍କର ଶିରାପ୍ରଶିରାକୁ ସକ୍ରିୟ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ଦମ୍ପତିଙ୍କର କ୍ଳାନ୍ତି ଅପସାରଣ ହୋଇଥାଏ। ମସ୍ତିଷ୍କକୁ ସୁସ୍ଥ ରଖୁଥିବା ଔଷଧର ନାମ ମଧ୍ୟ ଡୋପମାଇନ୍। ତେଣୁ ଆଲ୍‌ଜାଇମର ତଥା ଅନ୍ୟାନ୍ୟ ମସ୍ତିଷ୍କ ରୋଗ ପାଇଁ ଅନେକ ଲୋକ ଡୋପାମାଇନ୍ ଔଷଧ ସେବନ କରିଥାନ୍ତି। **ସ୍ମରଣଶକ୍ତି ଫେରିଆସିବା :** ଦାମ୍ପତ୍ୟ ଜୀବନରେ ସେକ୍ସ ଲାଇଫ୍ ଭଲ ନଥିବାରୁ ପ୍ରତିବର୍ଷ ୧ ଲକ୍ଷ ଦମ୍ପତିଙ୍କ ମଧ୍ୟରୁ ୭ ଦମ୍ପତି ସ୍ମରଣ ଶକ୍ତି ହରେଇ ବସୁଥିବା ଗବେଷଣାରୁ ଜଣାପଡ଼ିଛି। ଏପରିକି ସେମାନେ ଆମନେସିଆ (ସ୍ମରଣ ଶକ୍ତି ହରାଇବା) ରୋଗରେ ଶିକାର ହୁଅନ୍ତି। ସେକ୍ସ ଯୋଗୁଁ ଭାବାବେଗ, ଚିନ୍ତା, ଯନ୍ତ୍ରଣା ଓ ମୁଣ୍ଡବ୍ୟଥା ଦୂର ହୋଇ ଆରାମ ମିଳିଥାଏ। ଏହାଦ୍ୱାରା ମସ୍ତିଷ୍କ ଚାପଗ୍ରସ୍ତ ହୋଇନଥାଏ। ମନ ଖୁସି ରହେ। ତେଣୁ ସ୍ମରଣ ଶକ୍ତି ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇଥାଏ। ଏଣୁ ଦାମ୍ପତ୍ୟ ଜୀବନରେ ସେକ୍ସ ଜରୁରୀ। **ଶାନ୍ତ ରଖେ :** ମସ୍ତିଷ୍କରୁ ଚାପ ଓ ଚିନ୍ତା ଦୂର କରି ମନକୁ ଶାନ୍ତ ରଖିବାରେ ସେକ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ସେକ୍ସ ସମୟରେ ଏକ ହର୍ମୋନ ନିର୍ଗତ ହୋଇଥାଏ। ଏହା ମନରୁ ଚାପ ଓ ଚିନ୍ତା ଦୂର କରି ମନକୁ ଶାନ୍ତ କରିଥାଏ। ଫଳରେ ଦାମ୍ପତ୍ୟ ଜୀବନ ଖୁସିରେ କଟେ। ଏହା ଦୁହିଁଙ୍କୁ ସୁସ୍ଥ ଓ ସବଳ ରଖିବାରେ ସହାୟକ ହୋଇଥାଏ। ଏଣୁ ଦମ୍ପତିମାନେ ସେକ୍ସ ଜୀବନକୁ ଗୁରୁତ୍ୱ ଦେବା ଆବଶ୍ୟକ। **ଆଣ୍ଟିଡିପ୍ରିଜାଣ୍ଟ:** ହତାଶ ଭାବକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ ଔଷଧ ହେଉଛି ଆଣ୍ଟିଡିପ୍ରିଜାଣ୍ଟ। ଗବେଷକମାନେ ୩୦୦ ଦମ୍ପତିଙ୍କୁ ନେଇ ଏକ ଗବେଷଣା କରିଥିଲେ। ଗବେଷଣାରୁ ଜଣାପଡ଼ିଲା ଯେଉଁ ଦମ୍ପତିମାନେ ପ୍ରତ୍ୟହ ଦୈହିକ ସମ୍ପର୍କ ରଖୁଥିଲେ, ସେମାନଙ୍କଠାରେ ହତାଶଭାବ ଦେଖାଯାଉନଥିଲା। ହେଲେ ଅପରପକ୍ଷେ ଯେଉଁମାନେ ସେକ୍ସ ଲାଇଫ୍‌କୁ ଗୁରୁତ୍ୱ ଦେଉନଥିଲେ, ସେମାନଙ୍କ ମଧ୍ୟରେ ତିକ୍ତତା ସହ ହତାଶ ଏବଂ ନକରାତ୍ମକ ଭାବନା ଦେଖାଯାଇଥିଲଶ। ଗବେଷକଙ୍କ କହିବାନୁସାରେ ସେକ୍ସ ସମୟରେ ଆଣ୍ଟିଡିପ୍ରିଜାଣ୍ଟ ନାମକ ଏକ ମସ୍ତିଷ୍କରୁ ଚାପ ଦୂର କରି ମନରେ ଖୁସି ଆଣିଥାଏ। ଆଣ୍ଟିଡିପ୍ରିଜାଣ୍ଟ କେମିକାଲରୁ ତିଆରି ଔଷଧ କ୍ଳାନ୍ତି ଓ ହତାଶ ଭାବ ଦୂର କରିବା ପାଇଁ ଲୋକମାନେ ଖାଇଥାନ୍ତି। **ସ୍ମରଣଶକ୍ତି ତୀକ୍ଷ୍ଣ :** ଗବେଷଣା ଅନୁସାରେ ଯେଉଁ ଦମ୍ପତିଙ୍କ ମଧ୍ୟରେ ସେକ୍ସ ଲାଇଫ୍ ଭଲରେ କଟିଥାଏ, ସେମାନେ ଅଧିକ ବୁଦ୍ଧିଆ। ସେମାନଙ୍କ ସ୍ମରଣ ଶକ୍ତି ଅଧିକ ତୀକ୍ଷ୍ଣ। ଏହାକୁ ନେଇ ମୂଷା ଉପରେ ଗବେଷଣା କରାଯାଇଥିଲା। ସେକ୍ସ ଯୋଗୁଁ ମସ୍ତିଷ୍କର ସ୍ନାୟୁଗୁଡ଼ିକ ସକ୍ରିୟ ହେବା ହେତୁ ହିଁ ସ୍ମରଣ ଶକ୍ତି ତୀକ୍ଷ୍ଣ ହୋଇଥାଏ।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, 'ଦି ବ୍ରେନ୍', ପୁରୀଘାଟ, କଟକ, ଦୂରଭାଷ : ୯୧୩୨୪୩୩୩୩୩**

## 'ଭାରତ ବନ୍ଦ' ଓଡ଼ିଶାରେ ସଫଳ

ଭୁବନେଶ୍ୱର (ପିଏନ୍)–କେନ୍ଦ୍ର ବିଜେପି ସରକାରଙ୍କ କୃଷି ଓ କୃଷକ ବିରୋଧୀ ୩ଟି କଳା କୃଷି ଆଇନକୁ ବାତିଲ କରିବା ଦାବିରେ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଦିଆଯାଇଥିବା 'ଭାରତ ବନ୍ଦ' ଡାକରା ଓଡ଼ିଶାରେ ସମ୍ପୂର୍ଣ୍ଣ ସଫଳ ହୋଇଛି। ଏହି ଉପଲକ୍ଷେ ଗତକାଲି ସକାଳେ ରାଜଧାନୀ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ରାସ୍ତା ରୋକୋ ଓ ପିକେଟିଂ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ, ଉତ୍କଳ ମହିଳା ସମିତିର ଉପଦେଷ୍ଟା ବନଲତା ଜେନା, ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ଓ ସମ୍ପାଦିକା ପ୍ରଭାବତୀ ଦାସ ଏବଂ ଏଆଇଏସଏଫ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ। ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ଉପସାଧାରଣ ସମ୍ପାଦକ ବିଜୟ ଜେନା, ବିକେଏମ୍‌ୟୁର ରାଜ୍ୟ ସମ୍ପାଦକ ସୁର ଜେନା ଓ ବସନ୍ତ ପାଇକରାୟ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସେଠାରେ ପହଞ୍ଚି ବିକ୍ଷୋଭ ଓ ପିକେଟିଂର ନେତୃତ୍ୱ ନେଇଥିଲେ। ୧୨ଟି କୃଷକ ସଂଗଠନ ଓ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସଂଗଠନମାନଙ୍କର ମିଳିତ ପଟୁଆର ଲୋୟର ପିଏମଜି ଆଡ଼କୁ ଅଗ୍ରସର ହେଉଥିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ରାଜ୍ୟରେ ଏହି ବନ୍ଦକୁ ସଫଳ କରିଥିବାରୁ ରାଜ୍ୟବାସୀଙ୍କୁ ଏଆଇକେଏସର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ ଅଭିନନ୍ଦନ ଜଣାଇଛନ୍ତି।

# ତାଙ୍କ ସାଧନାକୁ ମୋର ସଲାମ୍

ସମୟ ବହିଯାଉଛି ଇତିହାସର ପିଠିରେ ଅନେକ ଘଟଣା ଅଘଟଣକୁ ନେଇ। ପିଲାଦିନର ଗାଁର ସ୍ମୃତି ହଜିଯାଉଛି କାଳର କବଳରେ କବଳିତ ହୋଇ। ମୋ ପିଲାଦିନର ସହପାଠୀ ସତ୍ୟବାଦୀ ବଳିଆରସିଂହଙ୍କ ୭୩ତମ ଜନ୍ମଦିନ ଅବସରରେ ଏବେ ସେଇକଥା ସବୁ ମନେପଡିଯାଉଛି। ଆମ ଗାଁ ନୟାଗଡ଼ ଜିଲା ଅନ୍ତର୍ଗତ ଗଡବାଣୀକିଲୋ ନିମ୍ନ ମୌଳିକ ବିଦ୍ୟାଳୟ, ଗଡବାଣୀକିଲୋ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଗଡବାଣୀକିଲୋ ଉଚ୍ଚ ବିଦ୍ୟାଳୟ ତଥା ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଆମ୍ଭେ ଉଭୟେ ଅଧ୍ୟୟନ କରିଛୁ। ମୁଁ ପୁରୀ କଲେଜରୁ ବିଜ୍ଞାନରେ ପ୍ରଥମ ବାର୍ଷିକ ଡିଗ୍ରୀ ପାଶ କଲା ପରେ ଭୁବନେଶ୍ୱର ଡ. ଅଭିନ୍ନ ଚନ୍ଦ୍ର ରାଓ ହୋମିଓପାଥିକ୍ ମେଡିକାଲ୍ କଲେଜରେ ଅଧ୍ୟୟନ କରି ପରେ ଡାକ୍ତର ହେଲି ଓ ସେ ଗ୍ରାଜୁଏସନ୍ କରି ଶିକ୍ଷକତା କଲେ, ପରେ ସେ ପୋଷ୍ଟ ଗ୍ରାଜୁଏସନ୍ କଲେ। ଆମ ଗାଁ ଗଡବାଣୀକିଲୋ ରଣପୁର ବ୍ଲକର ଏକ ଐତିହ୍ୟସମ୍ପନ୍ନ ଗ୍ରାମ। ଏହି ଗ୍ରାମଟି ନୟାଗଡ ଜିଲ୍ଲାରେ ଅବସ୍ଥିତ ହେଲେ ହେଁ ଏହାର ତିନି ପାର୍ଶ୍ୱରେ ଖୋର୍ଦ୍ଧା ଜିଲ୍ଲା ଘେରି ରହିଛି। ପୂର୍ବତନ ଦେଶୀୟ ରାଜ୍ୟ ରଣପୁରର ଏକ ଦୁର୍ଗ ରୂପେ ପ୍ରସିଦ୍ଧ ଏହି ଗ୍ରାମ ଗଡଜାତୀୟ ସ୍ୱାଧୀନତା ସଂଗ୍ରାମରେ ବିଶେଷ ଭୂମିକା ଗ୍ରହଣ କରିଥିଲା। ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ରଘୁ-ଦିବାକରଙ୍କ କର୍ମସ୍ଥଳୀ ରୂପେ ପରିଚିତ ଏହି ଗ୍ରାମ ଏକ ବୀରଭୂମିର ମର୍ଯ୍ୟାଦା ବହନ କରେ। ଶହୀଦ ରଘୁ-ଦିବାକରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସତ୍ୟବାଦୀ ବାବୁ ଶହୀଦ ରଘୁ-ଦିବାକର, ରଣପୁର ଇତିହାସ, ରଣପୁର ବିଦ୍ରୋହ ଆଦି ପୁସ୍ତକ ରଚନା କରିଥିଲେ। ରଣପୁର ପ୍ରଜା ଆନ୍ଦୋଳନରେ ଶହୀଦ ରଘୁ-ଦିବାକରଙ୍କ ବ୍ୟତୀତ ଆମ ଗାଁର ବସିରୁଦ୍ଦିନ୍ ଖାଁ, ବାଞ୍ଛାନିଧି ପରିଡା, କୁଳମଣି ପରିଡା ଓ ନାଟୁ ପ୍ରଧାନ ପ୍ରମୁଖ ଅଭିଯୁକ୍ତ ହୋଇ ଜେଲ୍ ଯାଇଥିଲେ। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଆମ ଗାଁ ଲୋକମାନଙ୍କର ପ୍ରମୁଖ ଭୂମିକା ଥିଲା। ହିନ୍ଦୁ-ମୁସଲମାନ ସଂପ୍ରୀତିର ପୀଠସ୍ଥଳୀ ଆମ ଗାଁ। ଏଠାରେ ହିନ୍ଦୁ ମୁସଲମାନ ଉଭୟ ବାସ କରୁଥିଲେ ହେଁ କିଏ ହିନ୍ଦୁ କିଏ ମୁସଲମାନ ଜାଣିବା ମୁସ୍କିଲ। ଆଚାର ବିଚାର ଓ କଥାବାର୍ତ୍ତାରେ ପ୍ରାୟ ସମାନତା ଥାଏ। ଆମ ଗାଁର ମୁସଲମାନମାନେ ଶୁଦ୍ଧ ଓଡିଆରେ ଘରେ ଓ ବାହାରେ କଥାବାର୍ତ୍ତା ହୋଇଥାନ୍ତି। ରାଜା ରାଜୁଡା ଅମଳରୁ ଆମ ଗାଁର ଦଳବେହେରା ହେଉଛନ୍ତି ମୁସଲମାନ। ସତ୍ୟବାଦୀ ବାବୁ ଓ ଶହୀଦ ଦିବାକରଙ୍କ ପରିବାର ହେଉଛନ୍ତି ଦଳେଇ ଏବଂ ଚନ୍ଦ୍ରଶେଖର ରାଉତରାୟଙ୍କ ପରିବାର ହେଉଛନ୍ତି ବିଷୋୟୀ ପରିବାର। ଆମ ଗାଁ ଏକ ଗଡ ଥିବାରୁ ଜଣେ ଦଳବେହେରା, ଦୁଇଜଣ ଦଳେଇ, ଜଣେ ବିଷୋୟୀ ଏବଂ ଉଭୟ ଖଣ୍ଡାୟତ ଓ ମୁସଲମାନମାନେ ପାଇକ ଭାବେ କାର୍ଯ୍ୟ କରୁଥିଲେ। ଦଶହରା ସମୟରେ ମୁସଲମାନ ଦଳବେହେରା ଗ୍ରାମର ଇଷ୍ଟଦେବୀ ମା'ରାମଚଣ୍ଡୀଙ୍କ ପୂଜା ଅର୍ଚ୍ଚନା ହିନ୍ଦୁରୀତି ଅନୁଯାୟୀ କରିଥାନ୍ତି। ସମ୍ପ୍ରତି ଏହି କାର୍ଯ୍ୟ ମୋର ବଡବାବାଙ୍କ ପୁଅ ଭାଇ ଜନାବ୍ ତୋହିୟତ୍ ଅଲ୍ଲୀ ଖାଁ ଦଳବେହେରା ଭାବରେ କରୁଛନ୍ତି। ଦୁର୍ଗା ସପ୍ତମୀ ଦିନ ମା'ଙ୍କ ଚଳନ୍ତି ପ୍ରତିମାକୁ ଖଣ୍ଡାଘର ପଡିଆକୁ ଅଣାଯାଇଥାଏ। ଢୋଲ ଚାଙ୍ଗୁବାଲା ବାଜା ବଜାଇ ବଳବେହେରାଙ୍କ ଘରେ ପହଞ୍ଚିଥାନ୍ତି। ବ୍ରାହ୍ମଣ, ବାରିକଙ୍କ ସହ ଦଳବେହେରାଙ୍କୁ ତାଙ୍କ ଘରୁ ନିମନ୍ତ୍ରଣ କରିଥାନ୍ତି। ଦଳବେହେରା ଧୋତି ଓ ଦୋସଡା ପିନ୍ଧି ହାତରେ ଖଣ୍ଡା ଧରି ବାଦ୍ୟର ତାଳେ ଶୋଭାଯାତ୍ରାରେ ଦେବୀଙ୍କ ନିକଟକୁ ଯାଇଥାନ୍ତି। ସାଥିରେ ବିଷୋୟୀ, ଦଳେଇ ଓ ପାଇକମାନେ ଖଣ୍ଡା ଧରି ଶୋଭାଯାତ୍ରାରେ ସାମିଲ ହୁଅନ୍ତି। ଶଙ୍ଖ, ହୁଳହୁଳି ଓ ହରିବୋଲ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୁଏ। ଦେବୀଙ୍କ ନିକଟରେ ସମସ୍ତ ଖଣ୍ଡା ପୂଜିତ ହୁଏ। ଦଳବେହେରାଙ୍କ ହାତରେ ବ୍ରାହ୍ମଣ କୁଶବଟୁ ପିନ୍ଧାଇ ମନ୍ତ୍ରୋଚାରଣ ପୂର୍ବକ ଫୁଲ, ଚନ୍ଦନ, ବରକୋଳି ପତ୍ର ଦେବୀଙ୍କୁ ଅର୍ପଣ କରିବା ପାଇଁ କହିଥାନ୍ତି। ଦଶହରା ଦିନ ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା ଓ ଖଣ୍ଡାଗୁଡିକୁ ଝାଞ୍ଜ, ମୃଦଙ୍ଗ, କରତାଳ ବଜାଇ ମହା ଆଡମ୍ବରରେ ଦଶହରା ପଡିଆକୁ ନିଆଯାଇଥାଏ। ସେଠାରେ ଦଳବେହେରା ଅସ୍ତ୍ର ଅନୁକୂଳ କରିବା ପରେ ପାଇକମାନେ ସମରକଳା ପ୍ରଦର୍ଶନ କରିଥାନ୍ତି। ସେହିପରି ଦୋଳଯାତ୍ରା ସମୟରେ ଗ୍ରାମର ଆରାଧ୍ୟ ଦେବତା ଆର୍ତ୍ତେଶ୍ୱର ମହାଦେବ ଓ ପତିତପାବନ ଦେବଙ୍କ ଚଳନ୍ତି ପ୍ରତିମା ପ୍ରଥମେ ଭଗତ ଘରେ ଏବଂ ତତ୍ପରେ ଦଳବେହେରାଙ୍କ ଘର ସାମ୍ନାରେ ଥିବା ବିରାଟ ପଥର ଉପରେ ଠାକୁରଙ୍କ ବିମାନ ରହି କଚେରୀ ଭୋଗ ଖାଇଥାନ୍ତି। ରଣପୁର ରାଜା ରାଜୁଡା ଅମଳରୁ ଦଳବେହେରା ସର ଖାଁ, ଦଳବେହେରା ହଜାରି ଖାଁ, ଦଳବେହେରା ତକି ଖାଁ, ଦଳବେହେରା ରମଜାନ୍ ଖାଁ, ଦଳବେହେରା ଉସମାନ୍ ଅଲ୍ଲୀ ଖାଁ ଓ ଦଳବେହେରା ତୋହିୟତ୍ ଅଲ୍ଲୀ ଖାଁଙ୍କ ପର୍ଯ୍ୟନ୍ତ ଏହି ସେବା ପ୍ରଚଳିତ ରହିଛି। ଏହି ସେବା ପାଇଁ ରାଜାଙ୍କ ପକ୍ଷରୁ ଚନ୍ଦନ କର୍ପୁର ଜମି ଖଞ୍ଜା ଦିଆଯାଇଛି। ଦୋଳଯାତ୍ରା ଭଳି ଗ୍ରାମରେ ରଜଯାତ୍ରା ଚାରିଦିନ ଧରି ହୁଏ। ଉଭୟ ହିନ୍ଦୁ ଓ ମୁସଲମାନ ପରିବାର ଏଥିପାଇଁ ଚାନ୍ଦା ଦିଅନ୍ତି ଓ ମିଳିମିଶି ଯାତ୍ରା ଆୟୋଜନ କରିଥାନ୍ତି। ପହିଲି ରଜଦିନ ଦେବୀ ରାମଚଣ୍ଡୀଙ୍କ ଗ୍ରାମ ପରିକ୍ରମା ପଟୁଆରରେ ଉଭୟ ସମ୍ପ୍ରଦାୟ ଭାଗ ନେଇଥାନ୍ତି। ସତ୍ୟବାଦୀ ବାବୁ ଗ୍ରାମର ହିନ୍ଦୁ ମୁସଲମାନ ସୌହାର୍ଦ୍ଦ୍ୟ ନେଇ ପତ୍ର ପତ୍ରିକା, ଆକାଶବାଣୀ, ଦୂରଦର୍ଶନ ତଥା ବିନ୍ନ ଟିଭି ଚ୍ୟାନେଲରେ ଏହାର ପ୍ରଚାର ଓ ପ୍ରସାର କରାଇଥାନ୍ତି। ତାଙ୍କର ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସେ ପ୍ରଶଂସନୀୟ। ଆମ୍ଭ ଗ୍ରାମର ମୂଳମନ୍ତ୍ର "ଈଶ୍ୱର ଆଲ୍ଲା ତେରେ ନାମ୍, ସବ୍‌କୋ ସନ୍‌ମତି ଦେ ଭଗବାନ୍" ଉକ୍ତିକୁ ସତ୍ୟବାଦୀ ବାବୁ ଏହାର ଯଥାର୍ଥତା ବିଭିନ୍ନ ସଭା ସମିତିରେ ପ୍ରକାଶ କରିଥାନ୍ତି। ମୋର ଅନୁଜ ହଜରତ୍ ଅଲ୍ଲୀ ଖାଁ ଓ ମହମ୍ମଦ ଇଜହାର ଖାଁ ପ୍ରମୁଖଙ୍କୁ ନେଇ ପୂର୍ବତନ ବିଧାୟକ ରମାକାନ୍ତ ମିଶ୍ରଙ୍କ ସହଯୋଗରେ ଗଡବାଣୀକିଲୋରେ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଏକ ଶାଖା ଖୋଲିବା ଏବଂ ଶିକ୍ଷାବିତ୍ କାଳିଚରଣ ଜୟସିଂହଙ୍କ ସହାୟତାରେ ଗଡବାଣୀକିଲୋରେ ମହାବିଦ୍ୟାଳୟ ଖୋଲିବା ସତ୍ୟବାଦୀ ବାବୁଙ୍କ ଯୋଗୁଁ ସମ୍ଭବପର ହୋଇଥିଲା। ସତ୍ୟବାଦୀ ବାବୁଙ୍କର ଆଉ ଏକ ବିଶେଷତ୍ୱ ହେଉଛି ତାଙ୍କର ଇତିହାସ ପ୍ରତି ଥିବା ଅନୁରାଗ। ସେ ଇତିହାସର ଛାତ୍ର ନ ଥିଲେ ମଧ୍ୟ ଇତିହାସ ଜାଣିବା ପାଇଁ ତାଙ୍କର ପ୍ରଗାଢ ଆଗ୍ରହ ଥିଲା। ମୁଁ ପୁରୀ କଲେଜରେ ପଢିଲା ବେଳେ ଏହା ତାଙ୍କ ଠାରୁ ଅନୁଭବ କରିଛି। ମୁଁ ପଢିଲାବେଳେ ସାମନ୍ତ ଚନ୍ଦ୍ରଶେଖର କଲେଜ ପଶ୍ଚିମ ପଟେ ଥିବା ମୌଲବୀ ଲତିଫୁର ରହେମାନ୍‌ଙ୍କ ବାସଭବନରେ ରହୁଥିଲି। ମୌଲବୀ ରହେମାନ୍ ଥିଲେ ଖୋର୍ଦ୍ଧା ଜିଲ୍ଲାର ପ୍ରଥମ ମନ୍ତ୍ରୀ ଓ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଦ୍ୱାରା ଗଠିତ ପ୍ରଥମ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ। ସତ୍ୟବାଦୀ ବାବୁ ଅଧିକାଂଶ ସମୟରେ ମୋ ପାଖକୁ ଆସନ୍ତି ଓ ଲତିଫୁର ବାବୁଙ୍କ ସହ ଓଡିଶା ରାଜନୀତି ଜାଣିବା ପାଇଁ କଥା ହୁଅନ୍ତି। ଲତିଫୁର ବାବୁ ୧୯୩୭ ମସିହାରେ ଓଡିଶାର ପ୍ରଥମ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହୋଇଥିଲେ ମଧ୍ୟ ତାଙ୍କ ମନରେ ଗର୍ବ ଅହଙ୍କାର ନ ଥିଲା। ସେ ପାରଳା ମହାରାଜା, ବିଶ୍ୱନାଥ ଦାଶ, ଡ. ହରେକୃଷ୍ଣ ମହତାବ, ରାଜମାତା ବସନ୍ତ ମଞ୍ଜରୀ ଦେବୀ, ପୁରୀର ଲୋକନାଥ ମିଶ୍ର, ଗଙ୍ଗାଧର ମହାପାତ୍ର ଓ ପଦ୍ମଚରଣ ସାମନ୍ତସିଂହାର ପ୍ରମୁଖ ବହୁ ନେତାଙ୍କ ସମ୍ବନ୍ଧରେ ଆଲୋଚନା କରିଥାନ୍ତି। ମୋର ଚାଚା ମୌଲବୀ ଇବ୍ରାହିମ୍ ଖାଁ ଯେ କି ଆମ ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ଗଡବାଣୀକିଲୋ ହାଇସ୍କୁଲର ପ୍ରତିଷ୍ଠାତା ଥିଲେ ସେ ପୁରୀ ଆସିଲେ ଲତିଫୁର ରହେମାନଙ୍କ ଘରକୁ ଆସନ୍ତି। ସତ୍ୟବାଦୀବାବୁ ତାଙ୍କୁ ସେଠାରେ ଦେଖା କରି ରଣପୁରର ତତ୍କାଳୀନ



ରାଜନୈତିକ ବାତାବରଣ ଉପରେ ଆଲୋଚନା କରିଥାନ୍ତି। ସେତେବେଳେ ରଣପୁରର ବିଧାୟକ ଥିଲେ କଂଗ୍ରେସ ଦଳର ରାଜା ବ୍ରଜେନ୍ଦ୍ର ଚନ୍ଦ୍ର ସିଂହଦେଓ ବୀରବର ବଜ୍ରଧର ନରେନ୍ଦ୍ର ମହାପାତ୍ର ଓ ମୋର ଚାଚା ଇବ୍ରାହିମ୍ ଖାଁ ଥିଲେ ରଣପୁର ବ୍ଲକ କଂଗ୍ରେସ କମିଟିର ସଭାପତି। ସତ୍ୟବାଦୀ ବାବୁଙ୍କର ରଣପୁରର ଐତିହ୍ୟ ଜାଣିବାର ଆଗ୍ରହ ପରବର୍ତ୍ତୀ ସମୟରେ ସଫଳ ହେଲା ସେ ଯେତେବେଳେ ରଣପୁର ଇତିହାସ ଲେଖିଲେ। ରଣପୁର ଅଞ୍ଚଳର ଇତିହାସକୁ ସେ ଲୋକଲୋଚନକୁ ଆଣିଥିବାରୁ ସେ ଆଜି ଜଣେ ଖ୍ୟାତନାମା ଐତିହାସିକ। ସତ୍ୟବାଦୀ ବାବୁ ମୋର ଜଣେ ଭଲ ବନ୍ଧୁ। ମୋ ହୋମିଓପାଥିକ୍ ଚିକିତ୍ସାରେ ତାଙ୍କର ଉତ୍ସାହ ମୋ ପାଇଁ ଅଭୁଲା। ବିଭିନ୍ନ ରୋଗ ବିଶେଷକରି ପାରାଲିସିସ୍ ଭଳି ରୋଗର ସଫଳ ଚିକିତ୍ସା ମୋ ଦ୍ୱାରା ସଂଭବ ହେଉଥିବା ତଥା ଓଡ଼ିଶାର ବିଭିନ୍ନ ଅଂଚଳରୁ ମୋ ପାଖକୁ ରୋଗୀ ଆସୁଥିବା କାରଣରୁ ସତ୍ୟବାଦୀ ବାବୁ ମୋର ଭୂୟସୀ ପ୍ରଶଂସା କରନ୍ତି ଏବଂ ବିଭିନ୍ନ ସ୍ଥାନରେ ଏ ବିଷୟରେ ଉଲ୍ଲେଖ କରନ୍ତି। ତାଙ୍କର ପ୍ରେରଣା ଓ ପ୍ରଶଂସା ଯୋଗୁଁ ଅନେକାଂଶରେ ହୋମିଓପାଥିକ୍ ମୋର ପେଶା ଓ ନିଶା ପାଲଟିଛି। ପେଶା ପାଇଁ ମୁଁ ଗାଁରେ ରହିପାରୁନଥିବା ବେଳେ ଶିକ୍ଷକତା କରୁଥିବା ବେଳେ ସେ ଗାଁରେ ରହୁଥିଲେ ଏବଂ କିଛି ଦିନ ଗାଁଲୋକଙ୍କ ମାଗଣା ହୋମିଓପାଥିକ୍ ସେବା ଦେଇଥିଲେ। ମୋ ଠାରୁ ତଥା ହୋମିଓପାଥିକ୍ ଚିକିତ୍ସା ବାବଦରେ ବିଭିନ୍ନ ବହିପତ୍ର ପଢାପଢି କରି ସେ ଏ ସମ୍ବନ୍ଧରେ ବେଶ୍ ଜ୍ଞାନ ଅର୍ଜନ କରିଥିଲେ। ଇତିମଧ୍ୟରେ ସେ ସରକାରୀ କର୍ମରୁ ଅବସର ନେଇଛନ୍ତି। ତେବେ ଅବସର ସମୟକୁ ସେ ଆରାମ କରି ବିତଉନାହାନ୍ତି। ସାହିତ୍ୟ ସାଧନା ଓ ସମାଜସେବାରେ ତାଙ୍କର ସମୟ ଅତିବାହିତ ହେଉଛି। ତାଙ୍କ ପାଇଁ 'ଆରମ୍ ହାରାମ୍ ହୈ'। ସଂପ୍ରତି ସେ ଏକ ପତ୍ରିକା ସଂପାଦନା କରିବା ସହ ଖୋର୍ଦ୍ଧା ବିଷୁବ ମିଳନ ସମିତି ତଥା ବିଭିନ୍ନ ସାହିତ୍ୟ ସଂସଦ ସହ ସାମିଲ ହୋଇ ସାହିତ୍ୟର ବିକାଶ ପାଇଁ ତାଙ୍କ ଉଦ୍ୟମ ଜାରି ରଖିଛନ୍ତି। ଖୋର୍ଦ୍ଧାରେ ରହୁଥିଲେ ମଧ୍ୟ ବରାବର ଗାଁକୁ ଯାଇ ଗାଁର ବହୁମୁଖୀ ବିକାଶ ପାଇଁ ଯତପରୋନାସ୍ତି ଉଦ୍ୟମ କରୁଛନ୍ତି। ତାଙ୍କର ଏତାଦୃଶ ଗାଁ ପ୍ରୀତି ମୋତେ ବେଶ୍ ଅଭିଭୂତ କରେ, ତାଙ୍କ ଭଳି ବନ୍ଧୁ ପାଇଁ ମୁଁ ଗର୍ବିତ। ତାଙ୍କ ଜନ୍ମବାସରେ ମୋର କାମନା, ସେ ଓଡ଼ିଆ ସାହିତ୍ୟ, ସଂସ୍କୃତିର ଉତ୍ତରୋତ୍ତର ଉନ୍ନତି ତଥା ଗାଁ ପରମ୍ପରାର ରକ୍ଷାଣବେକ୍ଷଣ ଓ ସମୃଦ୍ଧି ପାଇଁ ଅଧିକ ପ୍ରୟାସୀ ହୁଅନ୍ତୁ। ତାଙ୍କ ସାଧନାକୁ ମୋର ସଲାମ୍।

**ଡ. ଲିଆକତ ଅଲ୍ଲୀ ଖାଁ, ଅଲ୍ଲୀ ହୋମିଓ କ୍ଲିନିକ୍, ମେନ୍ ରୋଡ୍, ନୟାଗଡ, ଶୂନ୍ୟଭାଷ: ୯୪୩୭୨୮୬୬୪୬**

## ଅଳପୁଆ ନୋଡାଲ ହାଇସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ସେହି ପଂଚାୟତର ଅଳପୁଆ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ସେହି ସ୍କୁଲଟି ପଂଚାୟତର ସର୍ବପୁରାତନ ସ୍କୁଲ ହୋଇଥିବା ବେଳେ ସେହି ସ୍କୁଲରେ ପ୍ରଥମ ଶ୍ରେଣୀ ଠାରୁ ୧୦ମ ପର୍ଯ୍ୟନ୍ତ ୧୦ଟି ଶ୍ରେଣୀ ଚାଲୁଅଛି। ଶିକ୍ଷାଦାନ କ୍ଷେତ୍ରରେ ପଂଚାୟତରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସେହି ସ୍କୁଲର କେତେକ ଶିକ୍ଷୟତ୍ରୀଙ୍କୁ ନିକଟରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅନ୍ୟତ୍ର ବଦଳି କରିଦିଆଯାଇଥିବା ବେଳେ ସେହି ଶିକ୍ଷୟତ୍ରୀମାନେ ସେଠାରେ ଶିକ୍ଷାଦାନ କରୁନଥିଲେ ମଧ୍ୟ ସେହି ସ୍କୁଲରୁ ଦରମା ପାଉଛନ୍ତି। ଅପର ପକ୍ଷରେ ସେହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ନିମନ୍ତେ ୮ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଥିବା ବେଳେ ଅଛନ୍ତି ମାତ୍ର ୫ଜଣ ଶିକ୍ଷକ। ଏଥିସହିତ ନବମ ଓ ଦଶମ ଶ୍ରେଣୀରେ ସ୍କୁଲରେ ୨ଶହ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଜ୍ଞାନ ଶିକ୍ଷାଦାନ ନିମନ୍ତେ ମାତ୍ର ଜଣେ ଶିକ୍ଷୟତ୍ରୀ ଅଛନ୍ତି ଏବଂ ସେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଏଭଳି ପରିସ୍ଥିତିରେ ସେହି ସ୍କୁଲରେ ପ୍ରଧାନ ଶିକ୍ଷକ, ଅନ୍ୟଏକ ବିଜ୍ଞାନ ଶିକ୍ଷକ, କ୍ରୀଡା ଶିକ୍ଷକ, କିରାଣୀ, ରାତ୍ରଜଗୁଆଳ ପଦ ଗୁଡିକ ଖାଲି ପଡିଥିବା ଯୋଗୁଁ ସ୍କୁଲର ଶିକ୍ଷାଦାନରେ ଗୁରୁତର ବ୍ୟାହତ ହେଉଥିବା ପଂଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। କରୋନା ମହାମାରୀ ଯୋଗୁଁ ପ୍ରାୟ ବର୍ଷେ ହେବ ସ୍କୁଲ ବନ୍ଦ ରହିବା ପରେ ଏବେ ଖୋଲିବାକୁ ଯିବା ସମୟରେ ଏତେ କମ ସଂଖ୍ୟକ ଶିକ୍ଷକରେ ସ୍କୁଲର ଶିକ୍ଷାଦାନ କିଭଳି ସମ୍ଭବ ହେବ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଦୃଷ୍ଟିରୁ ଏସମ୍ପର୍କରେ ସୁବିଚାର କରାଯାଇ ତୁରନ୍ତ ସେହି ସ୍କୁଲରେ ଖାଲି ପଡିଥିବା ପଦବୀ ଗୁଡିକ ପୂରଣ କରାଯିବାକୁ ପଂଚାୟତବାସୀ ଓ ଛାତ୍ରାଭିଭାବକମାନଙ୍କ ପକ୍ଷରୁ ଅଳପୁଆ ସରପଂଚ ରମେଶ ଦାସ, ୧୫ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ନାରାଦ ଚନ୍ଦ୍ର ବିଶ୍ୱାଳ, ସମିତିସଭ୍ୟା ନମିତା ଦାସ, ଗଗନ ମାହାଳିକ, ସୁକାନ୍ତ ରାଉତ, କୃତ୍ତିବାସ ସାହୁ, ସ୍କୁଲର ସଭାପତି ମଧୁସୂଦନ ଦାସ, ରବୀନ୍ଦ୍ର ଧଳ, ସୁଶାନ୍ତ କୁମାର ସେଠୀ, ଶତ୍ରୁଘ୍ନ ମଳିକ, ବବୃବାହାନ ଧଳ, ନରେନ୍ଦ୍ର ଧଳ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ସୁରକ୍ଷା ନିମନ୍ତେ ଥିବା ଆଇନ ସଂପର୍କିତ ଏକ ସଚେତନଜତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମ୍ୟାଜିଷ୍ଟ୍ରେଟ ଜରିନ୍ ଖାନ, ଶୃତିକିର୍ତୀ ଆଚାର୍ଯ୍ୟ, କିଶୋର ନ୍ୟାୟ ପରିଷଦର ସଦସ୍ୟ ରବିନ୍ଦ୍ର ପ୍ରସାଦ ଜେନା, ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସରୋଜିନୀ ଖଟୁଆ ପ୍ରମୁଖ ଯୋଗ ଦେଇ ଅନୁସୂଚିତ ଜାତି ଓ ଜନଜାତି ସଂପ୍ରଦାୟର ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ ଆଇନ ଓ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ଥିବା ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ।

## ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣୀ

ଫୁଲବାଣୀ (ପିଏନ୍): କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲାଂଚ ନେଉଥିବା ବେଳେ ଫୁଲବାଣୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବରିଷ୍ଠ କିରାଣୀ ଅଶୋକ ପଟ୍ଟନାୟକ। ସୂଚନା ପ୍ରକାରେ ଫୁଲବାଣୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ ବିଭାଗର ବରିଷ୍ଠ କିରାଣୀ ଅଶୋକ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଥାନା ଅନ୍ତର୍ଗତ ବିଳାସପୁର ଅଂଚଳର ଅବସର ପ୍ରାପ୍ତ ସୁବେଦାର ଲଳିତ କୁମାର ସାହୁଙ୍କ ଜମି ପଟ୍ଟାର ନକଲ ଦେବା ଲାଗି ୨ହଜାର ଟଙ୍କା ଲାଂଚ ଦାବୀ କରିଥିଲେ। ଏନେଇ ଲଳିତ କୁମାର ସାହୁ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଫଳରେ ଶ୍ରୀ ସାହୁ ଜମି କାଗଜ ପାଇଁ କାର୍ଯ୍ୟାଳୟରେ ଅଶୋକ ପଟ୍ଟନାୟକଙ୍କୁ ଦୁଇ ହଜାର ଟଙ୍କା ଲାଂଚ ଦେବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ବିଭାଗ ଗିରଫ କରିବା ସହ ଲାଂଚ ଟଙ୍କା ଜବତ କରିଥିବା ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକ କହିଛନ୍ତି। ଭିଜିଲାନ୍ସ ଟିମ ଅଶୋକ ପଟ୍ଟନାୟକଙ୍କ ସରକାରୀ ବାସଭବନରେ ମଧ୍ୟ ଚଢ଼ାଉ କରିଛି। ଏନେଇ ଅଶୋକ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଁ ଟଙ୍କା ମାଗିନଥିଲି ସେ ଜବରଦସ୍ତ ମୋ ପକେଟରେ ଟଙ୍କା ପୁରାଇ ଭିଜିଲାନ୍ସ ଧରାଇଦେଇଛନ୍ତି। ଭିଜିଲାନ୍ସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ ଜାମିନ ନାମଂଜୁର ହେବାରୁ ଅଭିଯୁକ୍ତ ଅଶୋକ ପଟ୍ଟନାୟକଙ୍କୁ ଜେଲକୁ ପଠାଇ ଦିଆଯାଇଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରି ପ୍ରାଥମିକ ସ୍କୁଲ ମାନଙ୍କରେ ନାମଲେଖା ଆରମ୍ଭ କରିବା ଦାବୀରେ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର: ଉପସ୍ଥାନ କମ୍‌ଥିବା ଆଳ ଦର୍ଶାଇ ରାଜ୍ୟ ସରକାର୨୦୧୮ ମସିହାରେ ରାଜ୍ୟର ୧୪,୩୭୯ଟି ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂକରୋନା ମହାମାରୀର ସୁଯୋଗ ନେଇ ଏହାକୁ ୨୦୨୦-୨୦୨୧ ଶିକ୍ଷାବର୍ଷରେ କାର୍ଯ୍ୟକାରୀ କରିବା ଆରମ୍ଭ କରିଥିଲେ। ସ୍କୁଲ ବନ୍ଦ-ମିଶ୍ରଣ ନୀତିକୁ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା ସହିତ ତୁରନ୍ତି ବିଦ୍ୟାଳୟ ଗୁଡିକୁ ଖୋଲି ନାମଲେଖା ଆରମ୍ଭ କରିବା ଦାବୀରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସାରା ଓଡିଶା ଦାବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆଜି ଭୁବନେଶ୍ୱର ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଗାମ, ବଲାଙ୍ଗିର, ଯାଜପୁର, ବାଲେଶ୍ୱର, କୋରାପୁଟ, ମୟୁରଭ, କେନ୍ଦୁଝର, ଭଦ୍ରକ ଆଦି ରାଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ, ସରକାର ରାଜ୍ୟର ବିପର୍ଯ୍ୟସ୍ତ ସ୍କୁଲ ଶିକ୍ଷାବ୍ୟବସ୍ଥାକୁ ନସଜାଡି ସରକାରୀ ସ୍କୁଲଗୁଡିକୁ ବନ୍ଦ କରିବା ପାଇଁ ୨୦୧୮ ମସିହାରୁ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ଫଳରେ ବନ୍ଦ ହେଉଥିବା ସ୍କୁଲର ଛାତ୍ରଛାତ୍ରୀଙ୍କ ପାଠପଢାରେ ଡୋରି ବନ୍ଧା ସହିତରାଜ୍ୟର ହଜାର ହଜାର




ସିଟି, ବିଏଡ ଆଶାୟୀ ପ୍ରାର୍ଥୀଙ୍କ ନିଯୁକ୍ତିର ସମ୍ଭାବନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ର ସରକାରଙ୍କ ଶିକ୍ଷାଧ୍ୱଂସକାରୀ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣର ପଥ ସୁଗମ କରିବାର ନୀଳନକ୍ସା ଜାତୀୟ ଶିକ୍ଷାନୀତି-୨୦୨୦ର ପରିପୂରକ ଭାବେ ରାଜ୍ୟ ସରକାର ଏ ନୀତି ଆପଣେଇଛନ୍ତି। ଏହି ଅନ୍ୟାୟ ନିଷ୍ପତ୍ତି ବିରୋଧରେ ଓଡିଶାର ଛାତ୍ରଛାତ୍ରୀ ଓ ଅଭିଭାବକ ସ୍ୱତଃ ରାଜ୍ୟବ୍ୟାପୀ ଦୁର୍ବାର ଆନ୍ଦୋଳନ ଗଢିତୋଳିଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ଅଭିଭାବକମାନେ ବିଦ୍ୟାଳୟ ସୁରକ୍ଷା କମିଟି ଗଠନ କରି ଆନ୍ଦୋଳନ ଚଳାଇ ରଖିଛନ୍ତି। ରାଜ୍ୟବ୍ୟାପୀ ବିରୋଧ ଏବଂ ଆନ୍ଦୋଳନ ଚାପରେ ଏବଂ ବହୁ ଅଭିଯୋଗ ଫଳରେ ଏବେ ଓଡିଶା ମାନ୍ୟବର ହାଇକୋର୍ଟ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ ମାର୍ଚ୍ଚ ୧୧ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସ୍କୁଲ ବନ୍ଦ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି। ୨୦ ଜଣରୁ କମ୍ ଛାତ୍ରଛାତ୍ରୀ ଥିବା ସ୍କୁଲଗୁଡିକୁ ବନ୍ଦ କରିବା ବିଜ୍ଞପ୍ତି ରଦ୍ଦ କରିବା ସହିତ ଛୋଟଛୋଟ ପିଲାମାନଙ୍କୁ ଦୂର ସ୍କୁଲକୁ ପଠାଇବା ସମ୍ବିଧାନର ଧାରା ୨୧-ଏ ଏବଂ ଆଇନ ୨୦୦୯ ତଥା ନିୟମ ୨୦୧୦ର ବିରୁଦ୍ଧାଚରଣ କରୁଛି ବୋଲି କହିଥିଲେ। ଏଥି ସହିତ ଧ୍ୱଂସ ପ୍ରାୟ ସରକାରୀ ଶିକ୍ଷାକୁ ସଜାଡିବା ପାଇଁ ସରକାରଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସରକାର ବୃହତର ଜନସାଧାରଣ ତଥା ଛାତ୍ର ସମାଜର ସ୍ୱାର୍ଥ ଦୃଷ୍ଟିରୁ ତାହାକୁ କାର୍ଯ୍ୟକାରୀ ନକରି ଅପରନ୍ତୁ ମାନ୍ୟବର ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ division benchକୁ ଯାଇଛନ୍ତି। ଯାହାଫଳରେ ଅଭିଭାବକମାନେ ବର୍ତ୍ତମାନ ଘୋର ଅନିଶ୍ଚିତତା ଭିତରେ ଅଛନ୍ତି।ତେଣୁ ଏହି ପରିସ୍ଥିତିରେ ରାଜ୍ୟ ସରକାର କାଳ ବିଳମ୍ବ ନକରି ସ୍କୁଲ ବନ୍ଦ-ମିଶ୍ରଣ ନୀତି ସଂପୂର୍ଣ୍ଣ ପ୍ରତ୍ୟାହାର କରିବନ୍ଦ କରାଯାଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତି ଖୋଲି ନାମଲେଖା ଆରମ୍ଭ କରିବା ଦାବିରେ ଆଜି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ବିକ୍ଷୋଭରେ ଗଣେଷ ତ୍ରିପାଠୀ, ସୁବାସ ନାୟକ, ସିଦ୍ଧାର୍ଥ ରଥ, ବିନୋଦ ସେଠୀ, ଜୟନ୍ତି ମହାନ୍ତି, ନସିମ ସରକାର, ସପ୍ତର୍ଶିନୀ ରାଉଳ, ତରୁଣସେନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସରକାର ଯଦି ଦାବୀ ପୁରଣ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରୀ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଯାଜପୁର ଜିଲ୍ଲାରୁ୧୨ କନେଷ୍ଟବଲଙ୍କୁ ନିଜ ଜିଲ୍ଲାକୁ ବଦଳି

କୋରେଇ: ଯାଜପୁର ଜିଲ୍ଲା ପୁଲିସରେ ବିଭନ୍ନ ଥାନାରେ କାର୍ଯ୍ୟରତ ୧୨ ଜଣ କନେଷ୍ଟବଳଙ୍କୁ ସେମାନଙ୍କ ନିଜ ଜିଲ୍ଲାକୁ ବଦଳି କରାଯାଇଛି । ୨୦୦୭ ମସିହାରୁ ୨୦୧୨ ମସିହା ମଧ୍ୟରେ ଏମାନେ ଯାଜପୁର ଜିଲ୍ଲାରେ ବିଭିନ୍ନ ଥାନାରେ କାର୍ଯ୍ୟ ସମ୍ପାଦନା କରିଆସୁଥିଲେ। ତ୍ରିଲୋଚନ ମଲିକଙ୍କୁ ଯାଜପୁର ଟାଉନ ଥାନାରୁ ରାଉରକେଲା ଜିଲ୍ଲା, ସୁଧାଂଶୁ ଶେଖର ପହୀଙ୍କୁ ବିରଜା ଟିଓପିରୁ ମାଲକାନାଗିରି ଜିଲ୍ଲା, ହୃଦାନନ୍ଦ ସାହୁଙ୍କୁ ଯାଜପୁର ସଦର ଥାନାରୁ ଭଦ୍ରକ ଜିଲ୍ଲା, ହିମାନୀ ରାୟଙ୍କୁ ବଡଚଣା ଥାନାରୁ ଖୋର୍ଦ୍ଧା ଜିଲ୍ଲା, ଭଜନ କୁମାର ବିଶ୍ୱାଳଙ୍କୁ ବଡଚଣା ଥାନାରୁ ବାଲେଶ୍ୱର ଜିଲ୍ଲା, ନିବେଦିତା ପାତ୍ରଙ୍କୁ ଚଣ୍ଡିଖୋଲ ଫାଣ୍ଡିରୁ ରୟାଗଡା ଜିଲ୍ଲା, ଅଭୟ କୁମାର ଦାସଙ୍କୁ ଯାଜପୁରରୋଡ ଥାନାରୁ ସୁନ୍ଦରଗଡ ଜିଲ୍ଲା, ସୁନାକର ବିଶ୍ୱାଳଙ୍କୁ ଯାଜପୁରରୋଡ ଥାନାରୁ ସୁବର୍ଣ୍ଣପୁର ଜିଲ୍ଲା, କମଳ ଲୋଚନ କରଙ୍କୁ ପାଣିକୋଇଲି ଥାନାରୁ ସୁନ୍ଦରଗଡ ଜିଲ୍ଲା, ଉମାକାନ୍ତ ମଲିକଙ୍କୁ କୁଆଖିଆ ଥାନାରୁ ରାଉରକେଲା ଜିଲ୍ଲା, ସେକ ଜାହାଙ୍ଗିର ଆଲମଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ସୁନ୍ଦରଗଡ ଜିଲ୍ଲାକୁ ବଦଳି କରାଯାଇଛି। ସେମାନେ ନିଜ ସ୍ଥାନରୁ ତୁରନ୍ତ ଆସି ଜିଲ୍ଲା ମୁଖ୍ୟାଳୟରେ ପହଂଚି ନିଜ ଜିଲ୍ଲାକୁ ଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏନେଇ ଯାଜପୁର ଏସପି ରାହୁଲ ପିଆର ଶନିବାର ପତ୍ର ସଂଖ୍ୟା ୧୩୮୫ ଅର୍ଡର ନମ୍ବର ୨୦୧୦ରେ ସୂଚନା ଜାରି କରିଛନ୍ତି।

# ବାଇକ୍ କୁ ଧକ୍କାଦେଲା ମହିନ୍ଦ୍ରା ବୋଲେରୋ : ମାନବିକତା ଦେଖାଇଲେ ବାଲିଅନ୍ତା ପୋଲିସ




ବାଲିଅନ୍ତା : ବାଲିଅନ୍ତା ଥାନା ଅଧିନସ୍ଥ ରାମଚନ୍ଦ୍ରପୁର କାଜ ନକଟରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏହି ସ୍ଥାନରେ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟହେଉଥିବା ଦେଖିବାକୁ ମିଳିଛି । ସୋମବାର ଦିନ ୧ଘଟିକା ସମୟରେ ଏକ ମର୍ମାନ୍ତୁଦ ସଡକ ଦୁର୍ଘଟଣା ଘଟିଯାଇଛି । ବାଇକ୍ ଯୋଗେ ଜଣେ ମହିଳା ଓ ପୁରୁଷ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବା ସମୟରେ ବିପରୀତ ଦିଗରୁ ପାହାଳପଟୁ ମହିନ୍ଦ୍ରା ବୋଲେରୋ ଗାଡି ନଂ ଓଡି ୦୫ ଏସ୍ ୨୮୪୭ ଦ୍ରୂତଗତିରେ ଆସି ରାମଚନ୍ଦ୍ରପୁର କାଜ ନିକଟରେ ବାଇକ୍ ଧକ୍କା ଦେଇ ବୋଲେରୋ ଚାଳକ ଘଟଣେ ସ୍ଥଳରୁ ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଜନସାଧାରଣମାନେ ବାଲିଅନ୍ତା ଥାନାକୁ ଖବର ଦେଇଥିଲେ ଖବର ପାଇ ବାଲିଅନ୍ତା ପୋଲିସ ପିସିଆର୍ ଘଟଣା ସ୍ଥଳରେ ପଂହଚି ମାନବିକତା ଦେଖାଇ ଆମ୍ବୁଲାନ୍ସ ଆସିନଥିବାରୁ ପିସିଆର୍ ରେ ଗୁରୁତ୍ୱର ଅବସ୍ଥାରେ ଉର୍ଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲକୁ ଚିସାକା ପାଇଁ ପଠାଇଛନ୍ତି । ଗୁରୁତ୍ୱର ଦୁଇଜଣ ହେଲେ ବାଲିଅନ୍ତା ଥାନା ଅର୍ନ୍ତଗତ ପାରିବାସୁଦେଇ ପୁର ଅଂଚଳର ସୁମନ୍ତ କୁମାର ଭୋଇ ଓ ଜିତିକାର ସୁଆଁଲୋର କବିତା ନାୟକ ଉଭୟ ଗୁରୁତ୍ୱର ଆହାତ ହୋଇ ମେଡିକାଲରେ ଚିକିସିତ ହେଉଛନ୍ତି । ଉତ୍ୟକ୍ତ ଜନସାଧାରଣ ମାନେ ଗାଡି ବାଡେଇ ଭାଙ୍ଗିଦେଇଛନ୍ତି । ବାଲିଅନ୍ତା ପୋଲିସ ମହିନ୍ଦ୍ରା ବୋଲେରୋକୁ ଜବତ କରି ତଦନ୍ତ ଚଳାଇଛି ।

# ମାଫିଆଙ୍କ କବଳରେ ନେଲୁଙ୍ଗ ଜଙ୍ଗଲ ଓ ହୁଡି

କେନ୍ଦୁଝର(ପିଏନ): ସଂପ୍ରତି ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୫/୬ କି.ମି. ଦୂରରେ ଅବସ୍ଥିତ ନେଲୁଙ୍ଗ ଗ୍ରାମ ପଥରହୁଡି ଏବଂ ସଂରକ୍ଷିତ ଜଙ୍ଗଲରୁ ଅହରହ ଟ୍ରାକ୍ଟର ଯୋଗେ ପଥର, ବାଲି, ମୋରମ ଇତ୍ୟାଦି ଚୋରି କରି ବାହାରେ ବିକ୍ରୀ ହେଉଛି । ଏହି ଲଘୁଖଣିଜ ସମ୍ପଦ ଚୋରି କରୁଥିବା ମାଫିଆ ମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ଏତେ ପରିମାଣରେ ବଢି ଗଲାଣି ଯେ ଗ୍ରାମବାସୀ ତ୍ରାହି ତ୍ରାହି ଡାକିଲେଣି । ଗ୍ରାମ ଜଙ୍ଗଲରୁ ପଥର ଓ ମୋରମ ଇତ୍ୟାଦି କୋଟି କୋଟି ଟଙ୍କାର ସମ୍ପଦ ଦିନଦ୍ୱିପ୍ରହରେ ପ୍ରଶାସନ ଜାଣିବାରେ ଚୋରି ହେଉଛି । ପ୍ରତ୍ୟେକ ବର୍ଷ ପଥର ଖଣିରେ ଗୃହ ପାଳିତ ପଶୁମାନେ ପଡି ମୃତାହତ ହେଉଛନ୍ତି । ଗ୍ରାମ ରାସ୍ତାରେ ଅହରହ ଟ୍ରାକ୍ଟର ଚାଲିବା ଫଳରେ ଶବ୍ଦ ପ୍ରଦୂଷଣ ହେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଘୋର ବାଧାପ୍ରାପ୍ତ ହେଉଛି । ଗ୍ରାମବାସୀମାନେ ବହୁବାର ଜିଲ୍ଲା ପ୍ରଶାସନ ପାଖରେ



ଖଣିଜ ସମ୍ପଦ ଚୋରୀକୁ ରୋକିବାକୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବରଂ ଏହାଦ୍ୱାରା ଖଣିଜ ସମ୍ପଦ ଚୋରୀ କରୁଥିବା ମାଫିଆମାନେ ଦ୍ୱିଗୁଣିତ ବେଗରେ ଚୋରୀ କରୁଛନ୍ତି । ସେମାନେ ପ୍ରକାଶ୍ୟରେ କହୁଛନ୍ତି ଯେ ତହସିଲ ଅଫିସ୍ ଓ ଜଙ୍ଗଲ ବିଭାଗ ବାବୁ ମାନଙ୍କୁ ମାସିକ ହାତ ଚିକ୍କଣ ମିଳୁଛି । ଏଥିରେ ସେମାନଙ୍କ କେଶ ମଧ କେହି ଉପାଡି ପାରିବେ ନାହିଁ । ବ୍ୟାପକ ଲଘୁ ଖଣିଜ ଚୋରୀ ଯୋଗୁଁ ପରିବେଶ ତ ନଷ୍ଟ ହେଉଛି ସରକାର ମଧ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ଚୋରୀକୁ ପ୍ରତିବାଦ କଲେ ମାଫିଆମାନେ ପ୍ରତିବାଦକାରୀଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦେଉଛନ୍ତି । ଏ ସମ୍ବନ୍ଧରେ ସଦର ତହସିଲଦାରଙ୍କୁ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ତହସିଲଦାର ବାବୁ କହିଲେ ଯେ ଦୁଇମାସ ପୂର୍ବେ ୨ଟି ଟ୍ରାକ୍ଟରକୁ ଧରାଯାଇ ଜୋରିମାନା ଆଦାୟ ହୋଇଛି । ଯା ବ୍ୟତିରେକ ସେ ଅନ୍ୟ କିଛି କରିପାରିବେ ନାହିଁ । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଶାସକକୁ ସାହାଯ୍ୟ କରିବାକୁ ପ୍ରଶାସକ ନିଯୁକ୍ତି ହୋଇଥାନ୍ତି । ଯଦି ପ୍ରଶାସକ ଅସହାୟ ହୋଇପଡେ ଆଗାମୀ କାଲି ଦେଶରେ ଉତ୍ତରପ୍ରଦେଶ ପରି ବାହୁବଳୀ ସୃଷ୍ଟି ହୋଇ ସମଗ୍ର ଜନସାଧାରଣଙ୍କ ପାଇଁ ତଥା ପ୍ରଶାସନ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବ । ଏଣୁ ନେଡି ଗୁଡ କହୁଣିକୁ ବୋହି ଯିବା ପର୍ବରୁ ଏ ପ୍ରକାର ମାଫିଆ ମାନଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଗ୍ରାମର ଦାମୋଦର ପଣ୍ଡା, କ୍ଷିରୋଦ ଚନ୍ଦ୍ର ରଣା, ଗଙ୍ଗାଧର ନାଏକ, ରବି ଦାସ, ରାହାସ ରଣା, ଧରଣୀ ପାତ୍ର, ଶ୍ରୀକାନ୍ତ ନାୟକ ପ୍ରମୁଖ ନିବେଦନ କରିଛନ୍ତି । ଚୋରୀ ରୋକା ନଗଲେ ଜିଲ୍ଲା ପ୍ରଶାସନ ପାଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଜିଲ୍ଲାପାଳ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଜନସାଧାରଣରେ ଦାବି ହୋଇଛି ।

# ଆବାସ ଯୋଜନା ହିତାଧିକାରୀ ଚୟନରେ କେଳେଙ୍କାର, ସମିତି ସଭ୍ୟାଙ୍କ ସ୍ୱାମୀ ଯୋଗ୍ୟ, ଦୃଷ୍ଟିହୀନ ଅଯୋଗ୍ୟ

ଭଦ୍ରକ:ଏହି ଜିଲାର ଧାମନଗର ବ୍ଲକ୍ ପକ୍ଷରୁ ଆନନ୍ଦପୁର ପଂଚାୟତ ପାଇଁ ପ୍ରସ୍ତୁତ କରାଯାଇଥିବା ଆବାସ ଯୋଜନାର ଯୋଗ୍ୟ ହିତାଧିକାରୀ ତାଲିକାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି । କୋଠାଘର, ଅଟୋ ମାଲିକ ମାସକୁ ୧୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରୁଥିବା ବ୍ୟକ୍ତି, ଠିକାଦାର ଓ ବ୍ୟବସାୟୀମାନେ ଆବାସ ଯୋଜନାର ହିତାଧିକାରୀ ହୋଇଛନ୍ତି । ମାତ୍ର ଆଦୌ ଘର ନଥିବା ଭଙ୍ଗା କୁଡିଆରେ, ଜରି ପାଲ ତଳେ ରହୁଥିବା ଅନ୍ଧ ଓ ଭିନ୍ନକ୍ଷମ ବ୍ୟକ୍ତି ଅଯୋଗ୍ୟ ବିବେଚିତ ହୋଇ ଏହି ତାଲିକାରୁ ବାଦ୍ ପଡିଛନ୍ତି । ଅନୁରୂପ ଗୋଟିଏ ଗୋଟିଏ ପରିବାରରୁ ପିତା-ପୁତ୍ର ଏକାନ୍ନବର୍ତୀ ପରିବାରର ଦୁଇଭାଇ, ଦୁଇ ଯାଆ, ବିବାହିତ ଝିଅ, ଦୁଇମାସ ତଳେ ବିବାହ ହୋଇ ଆସିଥିବା ନବବଧୂ ବି ଏହି ତାଲିକାରେ ଘର ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି । ପାହାଡପୁର ଗାଁର ରଂଜିତା ବାରିକ ଓ ରଶ୍ମିତା ବାରିକ ଆବାସ ଯୋଜନାରେ ଘର ପାଇବାକୁ ତାଲିକାରେ ଯୋଗ୍ୟ ହୋଇଛନ୍ତି । ଆବାସ ଯୋଜନାର ଦରଖାସ୍ତ ଫର୍ମ ନଂ ୧୫୨୩୮୮୪୪ ଓ ଆନନ୍ଦପୁର ପଂଚାୟତ ତାଲିକାର ୧୬୨ ନମ୍ବରରେ ଥିବା ରଂଜିତାଙ୍କ ସ୍ୱାମୀ ପ୍ରଶାନ୍ତ ବାରିକଙ୍କର ନିଜର ଗୋଟିଏ ଅଟୋ ଅଛି । ଏବେବି ସେ ଇଏମ୍‌ଆଇ ଦେଉଛନ୍ତି । ଏଥିସହିତ ପ୍ରଶାନ୍ତଙ୍କର ୪ ବଖରା ଯୁକ୍ତ ଏକ ବଡ କୋଠାଘରଟିଏ ଅଛି । ସେହିପରି ଦରଖାସ୍ତ ଫର୍ମ ନଂ ୧୫୨୩୮୮୪୨ ଓ ଆନନ୍ଦପୁର ପଂଚାୟତ ତାଲିକାର ୧୬୩ ନମ୍ବରରେ ଥିବା ରଶ୍ମିତା ବାରିକ ହେଉଛନ୍ତି ରଂଜିତାଙ୍କ ବଡ ଯା' । ଦରଖାସ୍ତରେ ରଶ୍ମିତାଙ୍କ ସ୍ୱାମୀଙ୍କ ନାମ ବାଦ୍ ପଡିଛି । ତା ବଦଳରେ ଅତି ଚାଲାକି ସହ ତାଙ୍କ ପିତାଙ୍କ ନାମ ଦିଆଯାଇଛି । ପ୍ରଶାନ୍ତଙ୍କ ପରିବାରରୁ ଅନ୍ୟ ଦୁଇଜଣ ପୂର୍ବରୁ ଦୁଇଟି ସରକାରୀ ଆବାସ ଘର ପାଇଛନ୍ତି । ନିକଟରେ ତାଙ୍କ ପରିବାରରୁ ଜଣେ ମୋ ଗୁହାଳ ଯୋଜନାରେ ଘରଟିଏ ମଧ ହାତେଇଛନ୍ତି । ପ୍ରଶାନ୍ତଙ୍କ ବଡଭାଇ ଓ ଧାମନଗର ବ୍ଲକ୍‌ରେ କାର୍ଯ୍ୟରତ ଜଣେ ବ୍ଲକ୍ ପ୍ରୋଜେକ୍ଟ କୋଅର୍ଡିନେଟର ଗୋଟିଏ ସ୍କୁଲରେ ଗୋଟିଏ ବ୍ୟାଚ୍‌ରେ ପଢୁଥିଲେ । ସଂପୃକ୍ତ ବିପିସି ଏଥିପୂର୍ବରୁ ଆନନ୍ଦପୁର ପଂଚାୟତର ଜିଓ ଟ୍ୟାଗିଂ କରୁଥିଲେ । ସେତେବେଳେ ସେ ଅନେକ ଅନିୟମିତତା କରି ପ୍ରଶାନ୍ତ ବାରିକଙ୍କ ବଡଭାଇଙ୍କ ପରିବାରକୁ ସରକାରୀ ସୁବିଧା ଦେବାରେ ସହାୟତା କରିଥିବାର ଅଭିଯୋଗ ହୋଇଛି । ଅନୁରୂପ ଆନନ୍ଦପୁର ପଂଚାୟତର ସମିତିସଭ୍ୟ ମୀନାକ୍ଷୀ ଶତପଥୀଙ୍କ ସ୍ୱାମୀ କୁଳମଣି ଶତପଥୀ ଏଥର ଯୋଗ୍ୟ ହିତାଧିକାରୀ ତାଲିକାରେ ସ୍ଥାନ ପାଇଛନ୍ତି । ଦରଖାସ୍ତ ନଂ ୧୫୨୬୪୮୩୨୨ ଓ ଆନନ୍ଦପୁର ପଂଚାୟତ ତାଲିକାର କ୍ରମିକ ନଂ ୨୦୬ ରେ ଥିବା କୁଳମଣି ଜଣେ ବ୍ୟବସାୟୀ । ଗତବର୍ଷ କରୋନା ସମୟରେ ଆନନ୍ଦପୁର ପଂଚାୟତର ଟିଏମ୍‌ସି ସେ ରକୁ ସେ ଭେଣ୍ଡର ଭାବେ ଖଟିଆ, ବିଛଣାପତ୍ର ଓ ଆବଶ୍ୟକୀୟ ସାମଗ୍ରୀ ଯୋଗାଇଥିଲେ । ଏତଦ୍‌ବ୍ୟତୀତ ତାଙ୍କର ଉଡେଇପୁରରେ କୋଠାଟିଏ ତିଆରି ଚାଲିଛି । କେବଳ ଏତିକି ନୁହେଁ, ଆନନ୍ଦପୁରରେ ଅମୂଲ୍ୟ କୁମାର ମହାନ୍ତିଙ୍କ ନାମ ଏଥର ଯୋଗ୍ୟ ହିତାଧିକାରୀ ତାଲିକାରେ ରହିଛି । ଅମୂଲ୍ୟ ମହାନ୍ତିଙ୍କର ଯୌଥ ପରିବାର । ଭାଇଙ୍କର ଗୋଟିଏ ଟ୍ରାକ୍ଟର ରହିଛି । ତାଙ୍କ ପିତା ବିମ୍ବାଧର ମହାନ୍ତି ପୂର୍ବରୁ ଆବାସ ଯୋଜନାରେ ଘର ପାଇସାରିଛନ୍ତି । ନିଜେ ଅମୂଲ୍ୟ ମହାନ୍ତି ପଂଚାୟତର ଚମ୍ପାବାଗ ନାରାୟଣ ପଡିଆରେ ଏକ ବିରାଟ ଦୋକାନ କରିଛନ୍ତି । ତା ସତ୍ତ୍ୱେ ତାଙ୍କୁ ହିତାଧିକାରୀ କରାଯାଇଛି । ବାଙ୍ଗାଲୋରରେ ସିକ୍ୟୁରିଟି କଂପାନୀର ମ୍ୟାନେଜର ଥିବା ପାହାଡପୁର ଖଗେଶ୍ୱର ସାହୁଙ୍କ ପତ୍ନୀ ସସ୍ମିତା ସାହୁ ବି ଯୋଗ୍ୟ ତାଲିକାରେ ସ୍ଥାନ ପାଇଛନ୍ତି । ଏହିଭଳି ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଅଯୋଗ୍ୟ ବ୍ୟକ୍ତି ଘର ପାଇବାରେ ଯୋଗ୍ୟ ହୋଇଛନ୍ତି । ପ୍ରକୃତରେ ଯେଉଁମାନେ ଘର ପାଇବାକୁ ହକ୍‌ଦାର, ସେମାନେ ତାଲିକାରେ ନାହାଁନ୍ତି । ଚମ୍ପାବାଗର କୃଷ୍ଣଚନ୍ଦ୍ର ନାଥ, ପାହାଡପୁରର ପ୍ରବୀଣ ସାମଲ, ଆନନ୍ଦପୁରର ଗିରିଧାରୀ ଚନ୍ଦ, ଘୁନା ଚନ୍ଦ, ଭାଇ ଅଶୋକ ଚନ୍ଦ ଏହି ତାଲିକାରେ ନାହାଁନ୍ତି । କୃଷ୍ଣଚନ୍ଦ୍ର ନାଥଙ୍କର ଘର ୧୯୯୯ ମହାବାତ୍ୟାରେ ଭାଙ୍ଗିଯାଇଥିଲା । ସେ ଜଣେ ସଂପୂର୍ଣ୍ଣ ଦୃଷ୍ଟିହୀନ ବ୍ୟକ୍ତି । ସେହିଦିନ ଠାରୁ ଘରଟିଏ ପାଇଁ ସେ ସ୍ଥାନୀୟ ସରପଂଚ, ବିଡିଓ ଏପରିକି ଭଦ୍ରକ ଜିଲାପାଳଙ୍କୁ ଗୁହାରି ଜଣାଇଥିଲେ ମଧ କେହି ଶୁଣିନାହାଁନ୍ତି । କେବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି ବୋଲି କୃଷ୍ଣ କହନ୍ତି । ପତ୍ନୀ ମନ୍ଦୋଦରୀ ନାଥ ଓ ଛୋଟିଆ ପୁଅକୁ ନେଇ ସେ ଚଳୁଛନ୍ତି । ପତ୍ନୀ ପର ଦୁଆରେ କାମ କଲେ ଘର ଚଳେ । କିଛିଦିନ ପୂର୍ବରୁ ସରପ ତାଙ୍କୁ ଘର ଆସିଥିବାର ସୂଚନା ଦେଲେ । ଏହି ଭରସାରେ ସେ ନିଜ କୁଡିଆକୁ ଭାଙ୍ଗି ଅନ୍ୟ ଜଣଙ୍କ ଘରେ ରହିଲେ । ଏବଂ ଘର ତିଆରି ଆରମ୍ଭ କଲେ । ମାତ୍ର ଏବେ ଦେଖିଲାବେଳକୁ ଯୋଗ୍ୟ ତାଲିକାରୁ ସେ ବାଦ୍ ପଡିଛନ୍ତି । ଏଣୁ ସେ ଧାରକରଜ କରି ଆଣିଥିବା ସିମେଂଟ ଓ ରଡ୍ ଅର୍ଥ ଦେଇନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ଅନ୍ୟପଟେ ଯୋଗ୍ୟ ତାଲିକାରୁ ପ୍ରକୃତ ହିତାଧିକାରୀ ବାଦ୍ ପଡିବା ଓ ଅଯୋଗ୍ୟ ହିତାଧିକାରୀ ରହିବା ନେଇ ସରପଂଚ ବିଜୟ କୁମାର ଦାସ ଧାମନଗର ବ୍ଲକ୍ କର୍ତୃପକ୍ଷଙ୍କ ଦୋଷ ଦେଇଛନ୍ତି । ବ୍ଲକ୍ ପକ୍ଷରୁ ଏଭଳି ତ୍ରୁଟି ହୋଇଥିବାର ସେ କହିଛନ୍ତି । ପଂଚାୟତ ପକ୍ଷରୁ ସେ ଯେଉଁମାନଙ୍କ ନାମ ଦେଇଥିଲେ, ସେସବୁକୁ ବାଦ୍ ଦିଆଯାଇଥିବାର ସେ ସୂଚାଇଛନ୍ତି । ଏ ନେଇ ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗାଚରଣ ମୂର୍ମୁଙ୍କୁ ପଚାରିବାରୁ ସେ ଏବେ କେବଳ ତାଲିକା ପ୍ରକାଶ ପାଇଛି, ସେଥିରେ ତ୍ରୁଟି ଥାଇପାରେ, ଏଥିଲାଗି ପ୍ରତି ପଂଚାୟତରେ ଜଣେ ଶିକ୍ଷକ, ଜିଆରଏସ୍, ପଂଚାୟତ ନିର୍ବାହୀ ଅଧିକାରୀ ଓ ଜେଇଙ୍କୁ ନେଇ ଯାଂଚ କମିଟି ଗଠନ କରାଯାଇଛି । ସେ କମିଟି ରିପୋର୍ଟ ଦେବା ପରେ ପରବର୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଫାୟାର ଷ୍ଟେସନରେ ଷ୍ଟେସନ ମାଷ୍ଟର ରୂପେ କାର୍ଯ୍ୟରତ

# ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର




କେନ୍ଦୁଝର(ପିଏନ)-ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଓଡିଶା ମୋ ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ କରୋନା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଅନେକ ଜାଗାରେ ରକ୍ତର ଆବଶ୍ୟକତା ମଧ ପଡୁଛି । ଯାହାକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓଡିଶା ମୋ ପରିବାର ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତ ସଂଗ୍ରହର କାର୍ଯ୍ୟକ୍ରମ କରାଯାଉଛି । କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ନଗର ଭବନ ଠାରେ ଓଡିଶା ମୋ ପରିବାର ତରଫରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତଦାନ ଶିବିରରେ ରକ୍ତାଦନ କରିବାକୁ ସ୍ୱେଚ୍ଛାକୃତ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଯୁବକମାନେ ନଗର ଭବନ ଠାରେ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ତରଫରୁ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ବେଜ, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଚିହ୍ନଟ ହେଲେ ଆଉ ୮୭ ଆକ୍ରାନ୍ତ, ଜଣେ ମୃତ

ଭଦ୍ରକ, (ପିଏନ)-ଆଉ ନୂଆ ୮୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ମଧ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୮୧୪ରେ ପହଂଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୮ରୁ ବୃଦ୍ଧି ହୋଇ ୯ ହୋଇଛି । ସେହିଭଳି ସୁସ୍ଥଙ୍କ ସଂଖ୍ୟାରେ ମଧ ବୃଦ୍ଧି ଘଟି ୨୧୩୯ ହୋଇଥିବା ବେଳେ ଏବେ ଆଉ ୬୬୬ଜଣ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି । ତେବେ ଆଜି ଯେଉଁସବୁ ଅଂଚଳରୁ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେହିସବୁ ଅଂଚଳ ହେଲା ଭୁବନେଶ୍ୱରର କିମ୍‌ସ୍ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଚାନ୍ଦବାଲି ବ୍ଲକ ଆରଡି ପଂଚାୟତର ଜଣେ, ଏମ୍‌ସ୍‌ରେ ଚିକିତ୍ସିତ ହେଉଥିବା ଭଦ୍ରକ ପୌରପାଳିକାର ୨୧ ନଂ ୱାର୍ଡର ଜଣେ, ଅଶ୍ୱିନୀ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ୧୩ ନଂ ୱାର୍ଡର ଜଣେ ଚିହ୍ନଟ ହୋଇଛନ୍ତି । ସେହିଭଳି ଭଦ୍ରକ ବ୍ଲକର କୋରକୋରା ପ ।ୟତରୁ ଜଣେ, ବହୁଦରଡା ପ ।ୟତରୁ ୧୦, ଚଣ୍ଡିଗାଁ ପ ।ୟତରୁ ୨ଜଣ, ବନ୍ଧଗାଁ ପ ।ୟତରୁ ଜଣେ, ଚରମ୍ପାରୁ ୩, ଗେଲପୁରରୁ ଜଣେ, ଖଣ୍ଡତଡାରୁ ଜଣେ, ରାନ୍ଦିଆରୁ ୪, ରାହାଞ୍ଜରୁ ଜଣେ, ଆର.ଏନ.ବେତଡାରୁ ୨, ସାବରଙ୍ଗରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ।ୟତରୁ ୨, ନୂଆଗାଁ ପ ।ୟତରୁ ୩, କୁରିଗାଁରୁ ଜଣେ, ରହଣିଆରୁ ଜଣେ, ରାମଚନ୍ଦ୍ରପୁରରୁ ୨, ସରସଦାରୁ ଜଣେ, ତେସିଙ୍ଗାରୁ ୨, ନପଙ୍ଗରୁ ଜଣେ, ତିହିଡି ବ୍ଲକର କାଁପଡା ପ ।ୟତରୁ ୨ଜଣ, ଭାଟପଡା ପ ।ୟତରୁ ଜଣେ, ବିଲଣାରୁ ଜଣେ, ବୋଡକରୁ ଜଣେ, ଦୋଳସାହିରୁ ୬, ଚାନ୍ଦବାଲି ବ୍ଲକର ଦୋସିଙ୍ଗା ପ ।ୟତରୁ ୨ଜଣ, ଗୋଲାଡିହା ପ ।ୟତରୁ ଜଣେ, ଧାମନଗର ବ୍ଲକ ଧୁଷୁରୀ ପ ।ୟତରୁ ୨ଜଣ, ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପ ।ୟତରୁ ଜଣେ, ଅରଣ୍ଡୁଆ ପ ।ୟତରୁ ଜଣେ, ବାସୁଦେବପୁର ପୌରପାଳିକାର ବାଲିନଗର ଅ ଳରୁ ଜଣେ, ୧୮ ନଂ ୱାର୍ଡରୁ ଜଣେ, ୨୩ ନଂ ୱାର୍ଡରୁ ଜଣେ, ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡରୁ ଜଣେ, ୧୨ ନଂ ୱାର୍ଡରୁ ୨, ୧୩ ନଂ ୱାର୍ଡରୁ ଜଣେ, ୨୯ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡରୁ ୨ଜଣ, ୬ ନଂ ୱାର୍ଡରୁ ୨, ୭ ନଂ ୱାର୍ଡରୁ ଜଣେ, ବନ୍ତ ବ୍ଲକଆଡିଆ ପ ।ୟତରୁ ୨ଜଣ, ବଡବର୍ଚ୍ଛିକୟାଁରୁ ୨, ବନ୍ତ ପ ।ୟତରୁ ୨, ଗଣିଜାଙ୍ଗରୁ ଜଣେ, ଓଡଙ୍ଗରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲାର ସମୁଳିଆ ଅ ଳରୁ ଜଣେ ଏବଂ ବାଉଁମଣି ଅ ଳରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଶ୍ରୀ ବାଣେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ରାସ୍ତା ନିର୍ମାଣ ଭିତିପ୍ରସ୍ତର ସ୍ଥାପନ

ବାଲିଅନ୍ତା : ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍‌ଟପୁର ସ୍ଥିତ ବହୁ ପୁରାତନ କଲେଜକୁ ଯାତାୟତ ନିମନ୍ତେ ରାସ୍ତା ନିର୍ମାଣ ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା ଯାହାକୁ ଜୟଦେବ ନିବାଚନ ମଣ୍ଡଳିର ବିଧାୟକ ଡଃ ଅରବିନ୍ଦ ଢାଲୀ ସୋମବାର ଦିନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାସ୍ତା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ କରିବା ସହ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ବାଲିଅନ୍ତା ଶିକ୍ଷା ପ୍ରତିନିଧି ନାରାୟଣ ବେହେରା ,ମହାବିଦ୍ୟାଳୟର ଅଧକ୍ଷ, ସ୍ଥାନୀୟ ସରପଂଚ ମୁରଲୀ ସାହୁ,ଦୁର୍ଗାନନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।






# ଯାଜପୁର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସରକାରୀ ଚାକିରୀ ବୟସ ବୃଦ୍ଧି ନିମନ୍ତେ ଦାବୀ



ଯାଜପୁର:ଯାଜପୁର ଜିଲ୍ଲା ଯୁବ କଂଗ୍ରେଶ ସଭାପତି ବିଶ୍ୱପ୍ରକାଶ ସାମଲଙ୍କ ଆବାହକତ୍ୱରେ ଏକ ପ୍ରତିନିଧି ଦଳ ସରକାରୀ ଚାକିରୀ ବୟସସୀମା ୨୩ ରୁ ୪୨କୁ ବୃଦ୍ଧି କରିବା ନିମନ୍ତେ ଓଡ଼ିଶା ସରକାରଙ୍କର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଯାଜପୁର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଓ.ପି.ଏସି, ଓ.ଏସ୍.ଏସ୍.ସି, ଓ.ଏସ୍.ଏସ୍.ଏସ୍.ସି ଏବଂ ଏସ୍.ଏସ୍.ବି ଦ୍ୱାରା ପରିଚାଳିତ ସରକାରୀ ନିଯୁକ୍ତି ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଥିବାରୁ ଏହି ନିଯୁକ୍ତି ସଂସ୍ଥାଗୁଡ଼ିକ ୪/୫ ବର୍ଷ ଅନ୍ତରରେ ବିଜ୍ଞପ୍ତି ପ୍ରକାଶନ କରିବା ଯୋଗୁ ବହୁ ମେଧାବୀ ଛାତ୍ରଛାତ୍ରୀମାନେ ଯୋଗ୍ୟତା ଥାଇ ସୁଦ୍ଧା ପଦବୀଗୁଡ଼ିକରେ ଆବେଦନ କରିବାକୁ ସକ୍ଷମ ହେଉନାହାନ୍ତି । ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ନିଯୁକ୍ତି ବୟସସୀମା ଖୁବ୍ ତଳେ ରହିଛି । ବର୍ତ୍ତମାନ ଗୋଆରେ ନିଯୁକ୍ତି ବୟସସୀମା ସର୍ବୋଚ୍ଚ ୪୫, ଆସାମରେ ୪୪, ତେଲେଙ୍ଗାନାରେ ୪୪, ଆନ୍ଧ୍ରରେ ୪୨, ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶରେ ୪୦ ବର୍ଷ ଧାର୍ଯ୍ୟ ରହିଛି । ଛାତ୍ରଛାତ୍ରୀମାନେ ଚଳିତ କୋଭିଡ୍ କାରଣରୁ ୨ ବର୍ଷ ହେଲା ଉଚ୍ଚତର ଶିକ୍ଷାଲାଭ କରି ମଧ୍ୟ ସରକାରୀ ଚାକିରୀ କ୍ଷେତ୍ରରେ ଆବେଦନ କରିବାକୁ ଧାର୍ଯ୍ୟ ବୟସର ଶେଷସୀମାରେ ପହଞ୍ଚିଥିବାରୁ ବଞ୍ଚିତ ହେଉଛନ୍ତି । ତେଣୁ ଓଡ଼ିଶା ସରକାର ତଥା ଓଡ଼ିଶାର ମୁଖ୍ୟ ଶାସନ ସଚିବ ଏହି ବିଷୟକୁ ବିଚାର କରି ଚାକିରୀ ବୟସସୀମା ୪୨ ବର୍ଷକୁ ବୃଦ୍ଧି କରିବାକୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର, ଯାଜପୁର ଜିଲ୍ଲା ଦଳିତ କଂଗ୍ରେସ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହୃଷିକେଶ ପତି, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ମହାପାତ୍ର, ବଡ଼ଚଣା ଯୁବ କଂଗ୍ରେସ ସଭାପତି ସଞ୍ଜୟ କର, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସତ୍ୟପ୍ରକାଶ ଦାସ, ଯାଜପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରା, ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

## ଦେଓଗାଁ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଟୀକାକରଣ

କେନ୍ଦୁଝର: ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପଂଚାୟତ ସ୍ତରୀୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ଅହେତୁକ ଭିଡ ପରିଲକ୍ଷିତ ହୋଇଥିବା ବେଳେ ଉକ୍ତ କେନ୍ଦ୍ରରେ ୧୮ବର୍ଷରୁ ୪୦ବର୍ଷ ଏବଂ ୪୦ବର୍ଷରୁ ୬୦ବର୍ଷ ଉଭୟ ବର୍ଗର ଲୋକମାନଙ୍କୁ ସରକାରଙ୍କ ତରଫରୁ ମାଗଣା ଟିକାକରଣ କରାଯାଇଥିଲା । ମାତ୍ର ଗଚ୍ଛିତ ଟୀକା ପରିମାଣ ଠାରୁ ଅଧିକ ସଂଖ୍ୟକ ମହିଳା ଓ ଯୁବକ ଯୁବତୀଙ୍କ ଭିଡ ଲାଗିଥିଲା ।

## ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଗାର୍ଡ ୱାଲ ନିର୍ମିତ

ମାହାଙ୍ଗା : ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ପଂଚାୟତସ୍ଥ ବାଗସରପୁର କେନାଲ ପୋଲ ନିକଟରେ ବିପଦଶଙ୍କୁଳ ଅବସ୍ଥାରେ ଏକ ପୁରୁଣା ଗାର୍ଡ ୱାଲ ଥିଲା । ଅନେକ ସମୟରେ ଲୋକମାନେ କେନାଲକୁ ଗାଧୋଇବାକୁ ଯିବା ସମୟରେ ବିପଦର ସମ୍ମୁଖିନ ହେଉଥିଲେ । ଅନେକ ସମୟରେ ପିଲାମାନେ ମଧ୍ୟ କେନାଲରେ ପଡି ଯାଆନ୍ତି । କୁସୁପୁର ଗ୍ରାମ ପଂଚାୟତ ସରପଂଚ ପଙ୍କଜ କୁମାର ସାହୁ ଓ ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତରାୟ ଲୋକଙ୍କ ସମସ୍ୟା ବୁଝି ମାହାଙ୍ଗା ବିଧାୟକ ତଥା ପଂଚାୟତରାଜମନ୍ତ୍ରୀ ପ୍ରତାପ ଜେନାଙ୍କୁ ଅବଗତ କରାଇଥିଲେ । ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଶ୍ରୀ ଜେନା ଜଳସେଚନ ବିଭାଗକୁ ଗାର୍ଡ ୱାଲ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଅମରେନ୍ଦ୍ର କୁମାର ମହାପାତ୍ର, ଉପନିର୍ବାହୀ ଯନ୍ତ୍ରୀ ଶକ୍ତି ପ୍ରସାଦ ଦାସ ଓ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଓଝାଙ୍କ ତତ୍ୱାବଧାନରେ ଗାର୍ଡୱାଲ ନିର୍ମିତ ସରପଂଚ ଶ୍ରୀ ସାହୁ ଓ ସମିତିସଭ୍ୟ ଶ୍ରୀ ରାଉତରାୟଙ୍କ ପ୍ରଚେଷ୍ଟା ଫଳରେ ଗାର୍ଡୱାଲ ଓ କେନାଲର ବନ୍ଧ ରାସ୍ତା ନିର୍ମାଣ ସହ ପିଚୁକରଣ କରାଯାଉଛି । ଏନେଇ ଅଂଚଳବାସୀ ମନ୍ତ୍ରୀ ଶ୍ରୀ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ବଦଳିବ ବଡଚଣାର ୭ ହାଇସ୍କୁଲର ରୂପରେଖ

ଚଣ୍ଡିଖୋଲ :ନଭେମ୍ବର ୧୪ ତାରିଖ ଶିଶୁ ଦିବସରୁ ବଡ଼ଚଣା ବ୍ଲକ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ୭ ଗୋଟି ହାଇସ୍କୁଲ ର ରୂପରେଖ ବଦଳିବାକୁ ଯାଉଅଛି .ପ୍ରତି ସ୍କୁଲ ପିଛା ୬୦ ଲକ୍ଷ ଲେଖାଏ ଟଙ୍କା ଖର୍ଚ୍ଚ କରାଯିବ ବୋଲି ଜଣାଯାଇଛି ,ଏହି ଟଙ୍କାରେ ଛାତ୍ର,ଛାତ୍ରୀ ମାନଙ୍କ ପାଇଁ ଉନ୍ନତ ମାନର ଲାଇବ୍ରେରୀ ,ଖେଳପଡିଆ ,ପାଠାଗାର, ଖେଳସାମଗ୍ରୀ ,ପାନୀୟ ଜଳ, ଶୌଚାଳୟ ଓ ଶ୍ରେଣୀ ଗୃହ ଉନ୍ନତିକରଣ ଆଦିରେ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି .ସରକାରୀ ସ୍ତରରେ ପ୍ରଥମ ପର୍ଯ୍ୟାୟରେ ଚୟନକରାଜିଥିବା ସ୍କୁଲ ମଧ୍ୟରେ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟ ,ମହାବିନାୟକ ବିଦ୍ୟାୟାନ ବଡ଼ଚଣା ,ଧାନମଣ୍ଡଳ ସରକାରୀ ଉଚ୍ଚ ବିଦ୍ୟାଳୟ ,ସିଦ୍ଧ ମହାପୁରୁଷ ବିଦ୍ୟାଳୟ ଭରତପୁର ,କୃଷ୍ଣପୁର ଶାସନ ଉଚ୍ଚବିଦ୍ୟାଳୟ ଅନକା ,ଚାଟିନେଙ୍ଗଳ ଉଚ୍ଚ ବିଦ୍ୟାଳୟ ,ନିଗମାନନ୍ଦ ପ୍ରହଲ୍ଲାଦ ଉଚ୍ଚବିଦ୍ୟାଳୟ ରହିଅଛି .ଦ୍ୱିତୀୟ ପର୍ଯ୍ୟାୟରେ ଆଉକିଛି ଉଚ୍ଚବିଦ୍ୟାଳୟ କୁ ଏଥିରେ ସାମିଲ କରାଯିବ ବୋଲି ଜଣାପଡିଛି ।

# ରାସ୍ତା ନିର୍ମାଣରେ ବ୍ୟାପକ ଦୁର୍ନୀତି ଅଭିଯୋଗ



ରଣପୁର (ପି.ଏନ) ଲୋକମାନଙ୍କର ଗମାନାଗମନର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ ଦୁର୍ନୀତିଖୋର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନବୃତି ପାଇଁ ନିମ୍ନମାନର କାମ ହେଉଛି । ନୟାଗଡ ଜିଲା ରଣପୁର ବ୍ଲକ ଅନ୍ତର୍ଗତ କୋଇଲିମା ଠାରୁ ଗୌରାଙ୍ଗପୁରକୁ ଯାଇଥିବା ୭ କିଲୋମିଟର ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଲୋକ ଅଭିଯୋଗ କରିଛନ୍ତି । କିଛିଦିନ ତଳେ ସାତ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା କାମ ଆରମ୍ଭ ହୋଇଛି । କିନ୍ତୁ ନିର୍ମାଣ ହେଉଥିବା ବ୍ରିଜରେ ବାଲି ଗୋଡି ସେମେଣ୍ଟ ପକାଇ ଢଳାଇ କରିବା ପରିବର୍ତେ ମାଟି ପକାଇ କାମ ହେଉଥିବା ଜଣାପଡିଛି । ଏ ସଂପର୍କରେ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନାହିଁ । ଯଥାଶୀଘ୍ର କରାଯାଉ ବୋଲି ଗ୍ରାମବାସୀମାନେ ଏହାର ତଦନ୍ତ କରାଯାଇ ସଠିକ୍ କାମ ଦାବି କରିଛନ୍ତି ।

# ୧୦୦ ପରିବାରକୁ ନାହିଁ ପକ୍କା ରାସ୍ତା




ଚଣ୍ଡିଖୋଲ :ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଗାଁ ର ବିକାଶ ପାଇଁ କୋଟି କୋଟି ଟାଙ୍କ ଖର୍ଚ୍ଚ ହେଉଛି .କିନ୍ତୁ ବାସ୍ତବ କ୍ଷେତ୍ରରେ ସରକାରଙ୍କ ଏହି ଯୋଜନା କେବଳ କାଗଜ କଲମରେ ସୀମିତ ରହିଛି ବୋଲି ବଡଚଣାର ବହୁ ପଂଚୟତରେ ଏହି ବିକାଶ ର ନମୁନା ଦେଖିବାକୁ ମିଳିଛି .ସୂଚନା ଥାଉକି ବଡ଼ଚଣା ବ୍ଲକ ଅନେକ ପଂଚାୟତ ର ରଘୁନାଥପୁର ଗାଁ .ସମୁଦାୟ ୭୦ ରୁ ଉର୍ଧ ଦଳିତ ପରିବାର ଏହି ଗ୍ରାମରେ ବସବାସ କରୁଛନ୍ତି .ସେମାନଙ୍କ ମୁଖ୍ୟ ଯାତାୟାତ ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଏହି ଗ୍ରାମର ଲୋକମାନେ ବର୍ଷା ଦିନେ ସ୍କୁଲ ,ପାଖ ବଜାର ଓ ମେଡିକାଲକୁ ଯିବା ଆସିବା କରିବାରେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି .ବୟସ୍କ ଲୋକମାନେ ରୋଗରେ ପଡିଲେ ସେମାନଙ୍କୁ ମେଡିକାଲନବାକୁ ଏହି ଗ୍ରାମକୁ ଆମ୍ବୁଲାନ୍ସ ଆସିପାରୁନାହିଁ ,ବିଶେଷକରି ବର୍ଷା ଦିନେ ରାସ୍ତାରେ ପାଣି ଜମି ରହିବ ଫଳରେ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ରହିଅଛି .ବାରମ୍ବାର ସ୍ଥାନୀୟ ଲୋକପ୍ରତିନିଧିଂକୁ ଏ ବାବଦରେ ଅଭିଯୋଗ କଲେ ମଧ୍ୟ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇପାରିଲା ନାହିଁ .କିଛି ସାଧାରଣ ଲୋକ ଙ୍କର ନିଜ ଜମି ରାସ୍ତା କଡରେ ରହୁଥିବାରୁ ଏହି ରାସ୍ତା କାମ ଆରମ୍ଭ ହୋଇପାରୁନାହିଁ ବୋଲି ଜଣାପଡିଛି .ବ୍ଲକ ପ୍ରଶାସନ ରାସ୍ତାକଡ଼ରେ ଥିବା ଘରୋଇ ଜମିକୁ ଅଧିକରଣ କରି ସର୍ବସାଧାରଣ ନିର୍ଭର କରୁଥିବା ରାସ୍ତାକୁ ତୁରନ୍ତ ଆରମ୍ଭ କରିବାକୁ ଗ୍ରାମର ଦିଲୀପ ସାହୁ ,କୃଷ୍ଣଚନ୍ଦ୍ର ସାହୁ ,ନିହାର ସାମଲ,ବ୍ରଜକିଶୋର ମଲିକ,ମହେନ୍ଦ୍ର ମଲିକ ,ନିରଞ୍ଜନ ମଲିକ ଓ ଭଗବାନ ମଲିକ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଅଗଷ୍ଟ ୯ କ୍ରାନ୍ତୀ ଦିବସରେ ଅଣସଂଗଠିତ ଶ୍ରମିକ କଂଗ୍ରେସ ବିଧାନ ସଭା ଘେରିବା ପାଇଁ ରାଜ୍ୟ କାର୍ଯ୍ୟକାରୀ କମିଟିର ଆହ୍ୱାନ




ଭୁବନେଶ୍ୱର : ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ଆହ୍ୱାନକ୍ରମେ ଆଜି ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜ୍ୟ ଅଧକ୍ଷ ଶ୍ରୀ ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ସର୍ବ ଭାରତୀୟ କାର୍ଯ୍ୟକ୍ରମ ଅନୁଯାୟୀ ପାଲ୍ୟାମେଂଟ ଘେରାଉ ଓ ବିଭିନ୍ନ ରାଜ୍ୟ ବିଧାନସଭା ସମ୍ମୁଖରେ ଅଣସଂଗଠିତ ଶ୍ରମିକ ମାନଙ୍କର ବିଭିନ୍ନ ଦାବି କରୋନା ମହାମାରୀ ସମୟରେ ଆର୍ଥିକ ସଂକଟର ସମ୍ମୁଖିନ ହୋଇଥିବା ସମସ୍ତ, ଉଠାଦୋକାନୀ, କ୍ଷୁଦ୍ର ବ୍ୟବସାୟୀ, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ, ମନରେଗା ଶ୍ରମିକ, ଅଣ ସଂଗଠିତ ଶ୍ରମିକ, କୃଷି ଶ୍ରମିକ, ଋଷି, ଘରୋଇ ଶ୍ରମିକ ତଥା ସମସ୍ତ ଟ୍ରଲି, ରିସ୍କା ଓ ଅଟୋ ଚାଳକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ବିଧାନସଭା ଘେରାଉ କରାଯିବାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କରୋନା କଟକଣା ନିୟମକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲା କମିଟି ମାନେ ଅଂଶଗ୍ରହଣ କରିବାକୁ ନିଷ୍ପତି ନିଆଯିବ । ଏହି ଅଣସଂଗଠିତ ଶ୍ରମିକ କଂଗ୍ରେସ ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ, ରାଜ୍ୟ ପଂଚାୟତରାଜ ବିଭାଗର ଅଧକ୍ଷ ଯଜ୍ଞେଶ୍ୱର ବାବୁ, ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତାଇ, କୃଷ୍ଣଚନ୍ଦ୍ର ସାହୁ, ନିରୁପମା ଦାସ, ରାଜ୍ୟ ଉପାଧକ୍ଷା ଜ୍ୟୋତ୍ସ୍ନା ସେନାପତି, ସାମାଜିକ ଗଣମାଧ୍ୟମର ସଂଯୋଜକ ବିଶ୍ୱଭୂଷର ମହାପାତ୍ର ଓ ବିଭିନ୍ନ ଜିଲ୍ଲାର ଅଧକ୍ଷ ଭାବେ ବିକାଶ କୁମାର ଦାସ, ଦିପ୍ତି ରନ ପଣ୍ଡା, ଗଣେଷ ପ୍ରସାଦ ମଲ୍ଲିକ, ପରମାନନ୍ଦ ସେଠୀ, ଫିଲିପ କୁମାର, ପାୟଲ ଉପାସୀ, ବନମାଳି ମହାରଣା, ସ୍ୱର୍ଣ୍ଣଲତା ବଳ, ଭାରତୀବାଳା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ରାଜ୍ୟ ସରକାର ସମସ୍ତ ସଂଗଠିତ ଶ୍ରମିକ ଓ ନିର୍ମାଣ ଶ୍ରମିକ ମାନଙ୍କୁ ତୁରନ୍ତ କୋଭିଡ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ ।

# ବିଧାୟକଙ୍କ ହସ୍ତକ୍ଷେପରେ ଗ୍ରାମ୍ୟ ବିବାଦର ସମାଧାନ

ଫୁଲନଖରା:ସଦର ଥାନା ଅନ୍ତର୍ଗତ ବାଟପୁରଣ ଗ୍ରାମରେ ଜମିଜମାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ନିଆଳି ବିଧାୟକ ଡାକ୍ତର ପ୍ରମୋଦ ମଲିକଙ୍କ ହସ୍ତକ୍ଷେପ ଯୋଗୁଁ ଆପୋଷ ସମାଧାନ ହୋଇଛି । ଏ ନେଇ ଉଭୟ ପକ୍ଷ ନିଜ ନିଜ ମଧ୍ୟରେ ଥିବା ମନାନ୍ତର ଦୂର କରି ମିଳାମିଶା ହେବା ସହିତ ଏଥିପାଇଁ ଡା. ମଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, କ୍ରାଷ୍ଟା ବିଲଡ଼ର ମାଲିକ ପ୍ରକାଶଚନ୍ଦ୍ର ଦାସ ସଦର ଥାନା ଅଧିନ ବାଟପୁରଣ ଗ୍ରାମରେ ଜମି କିଣି ନିଜର ପ୍ରୋଜେକ୍ଟ କାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ ପ୍ରୋଜେକ୍ଟକୁ ରାସ୍ତା ତିଆରି କରିବା ସମୟରେ ବିବାଦ ଦେଖାଦେଇଥିଲା । ରାସ୍ତାଟି ସରକାରୀ ଜାଗାରେ ଥିବା ଦର୍ଶାଇ ଗ୍ରାମର କିଛି ବ୍ୟକ୍ତି ଏହାକୁ ବିରୋଧ କରିଥିଲେ । ମାତ୍ର ସମ୍ପୃକ୍ତ ବିଲଡ଼ର ଏହାକୁ ଭ୍ରୁକ୍ଷେପ ନକରି ବିରୋଧ କରୁଥିବା ବ୍ୟକ୍ତିଙ୍କ ନାମରେ ସଦର ଥାନାରେ ଏତଲା ଦେଇଥିଲେ । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହିତ କଥା ଯାଇ ବିଧାୟକଙ୍କ ନିକଟରେ ପହଞ୍ଚିଥିଲା । ବିଧାୟକଙ୍କ ତୁରନ୍ତ ନିର୍ଦ୍ଦେଶ କ୍ରମେ ଏକ ଜରୁରୀ ବୈଠକ ଡକାଯାଇ ବିବାଦର ଆପୋଷ ସମାଧାନ ହୋଇଥିଲା ଏବଂ ବିଲଡ଼ର ଶ୍ରୀ ଦାସ ଥାନାରେ ଦାୟର କରିଥିବା ଏତଲାକୁ ପ୍ରତ୍ୟାହାର କରିନେବାକୁ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ । ଲଳିତକୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ବାରଙ୍ଗ ବ୍ଲକ ବିଜେଡ଼ି ସଭାପତି ଗୋଲକ ପାତ୍ର, ନଗରୀ ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଅଶୋକ ରଥ, ପୂର୍ବତନ ସରପଞ୍ଚ ଗଗନବିହାରୀ ଜେନା, ଲଳିତକୁମାର ସୁନ୍ଦରାୟ, ଗ୍ରାମ୍ୟ କମିଟି ସଭାପତି ବିଜୟ ମହାପାତ୍ର, କ୍ଷୀରୋଦ ପଟ୍ଟନାୟକ, ଗୁରୁପ୍ରସାଦ ମହାନ୍ତି, ବିରଞ୍ଚି ସୁନ୍ଦରାୟ, ଭରତ ସାହୁ, ଦେବେନ୍ଦ୍ର ଲେଙ୍କା, ନିରନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ଉକ୍ତ ଜମିରେ କୌଣସି ପ୍ରକାର କାର୍ଯ୍ୟ ଅଥବା ଯାତାୟାତ ହୋଇପାରିବନାହିଁବୋଲି ସଭାରେ ନିଷ୍ପତ୍ତି ହୋଇଥିଲା ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray